## ୨୯ ମୃତ ବିଦେଶାଗତ ପକ୍ଷୀ ଜବତ, ଶିକାରୀ ଗିରଫ

ଟାଙ୍ଗୀ,(ରଘୁନାଥ ସାହୁ): ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ୍ୟପ୍ରାଣୀ ରେଞ୍ଜ୍ ଅନ୍ତର୍ଗତ ଅଭିମାନପୁର ନିକଟ ରଘୁରାୟ ଘେରିଠାରେ ବିଭାଗୀୟ ଅଧିକାରୀମାନେ ଚଢ଼ାଉ କରି ୨୯ଟି ମୃତ ବିଦେଶାଗତ ପକ୍ଷୀ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଉଜ୍ଜଳା ଗୋପୀନାଥପୁର ଗ୍ରାମର ଆଲୋକ ପ୍ରଧାନ (୨୮)। ଏଥିସହ ତାଙ୍କ ନିକଟରୁ ଏକ ବାଇକ୍, ବାଇନାକୁଲାର ଏବଂ ମୋବାଇଲ ଫୋନ ଜବତ ହୋଇଛି।



## ସଂକ୍ଷେପରେ

### ଜ୍ୟୋତିପ୍ରକାଶଙ୍କୁ ବିପୁଳ ଭୋଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ

କଟକ,୧୬।୧୨(ଶିଳ୍ପା ପ୍ରିୟଦର୍ଶିନୀ)- ଏକ ଘରୋଇ ଚ୍ୟାନେଲ୍‌ରେ ପ୍ରସାରିତ ହେଉଥିବା ରିୟଲିଟି ଶୋ' ଇଣ୍ଡିଆନ୍ ଆଇଡଲ୍‌ର ଟପ୍-୧୫ରେ କଟକର ଜ୍ୟୋତି ପ୍ରକାଶ ଓଝା ସ୍ଥାନ ପାଇଛନ୍ତି। ତାଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି। କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ୬୯ତମ ପୋଲିସ ଡ୍ୟୁଟି ମିଟ୍‌ର ଉଦ୍‌ଯାପନୀ ସମାରୋହ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ଜ୍ୟୋତିପ୍ରକାଶଙ୍କ ବାପା ରବୀନ୍ଦ୍ର ଓଝାଙ୍କୁ ଭେଟିଥିଲେ।

### ନର୍ସଙ୍କୁ ପ୍ରତାରଣା କରି ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୧୨(ସୂର୍ଯ୍ୟକାନ୍ତ ବେହେରା): ବିବାହ ପ୍ରତିଶ୍ରୁତି ଦେଇ ଜଣେ ନର୍ସଙ୍କୁ ପ୍ରତାରଣା ସହ ତାଙ୍କ ଠାରୁ ୧୦ଲକ୍ଷ ଟଙ୍କା ଠକିବା ଏବଂ ଗର୍ଭ ନଷ୍ଟ କରିବା ଅଭିଯୋଗରେ ଖଣ୍ଡଗିରି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ନବରଙ୍ଗପୁର ଟାଉନ ଥାନା ମହିମା ପ୍ରେସ୍ ନିକଟରେ ରହୁଥିବା କଟକ ଟାଙ୍ଗି ଥାନା ଗୋବିନ୍ଦପୁର ଉପରସାହିର ଭବାନୀ ଶଙ୍କର ନାଏକ।

ସୂଚନା ଅନୁସାରେ, ଅଭିଯୁକ୍ତ ଭବାନୀ ନିଜ ଜେଜେବାପାଙ୍କୁ ନେଇ ଭୁବନେଶ୍ୱର ଏକ ଡାକ୍ତରଖାନାକୁ ଚିକିତ୍ସା ଲାଗି ଗତ ୨ବର୍ଷ ତଳେ ଆସିଥିଲେ। ସେଠାରେ ଚିକିତ୍ସା ଚାଲିଥିବା ସମୟରେ ସମ୍ପୃକ୍ତା ନର୍ସଙ୍କ ସହ ଭବାନୀଙ୍କ ପରିଚୟ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ଭବାନୀ ବିବାହ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରି କି ବିଭିନ୍ନ ବାହାନା ଦେଖାଇ ତାଙ୍କଠାରୁ ୧୦ଲକ୍ଷ ଟଙ୍କା ଏବଂ ଏକ ବ୍ରେସ୍‌ଲେଟ ନେଇଯାଇଥିଲେ। ଏହା ବ୍ୟତୀତ ଅଭିଯୁକ୍ତ ଜଣକ ସେହିସମୟ ମଧ୍ୟରେ କିଛି ମେଡିସିନ ଦେଇ ପୀଡ଼ିତା ନର୍ସଙ୍କ ଗର୍ଭ ନଷ୍ଟ କରି ଆଉ ଧରାଛୁଆଁ ଦେଇ ନ ଥିଲେ। ତେଣୁ ପୀଡ଼ିତା ନର୍ସ ଏନେଇ ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

### ପୋଷାକ ଅର୍ଡର କରି ଠକାମିରେ ପଡ଼ିଲେ ନର୍ସ

ଭୁବନେଶ୍ୱର,୧୬।୧୨(ସୂର୍ଯ୍ୟକାନ୍ତ ବେହେରା): ଅନ୍‌ଲାଇନରେ ପୋଷାକ ଅର୍ଡର କରିବାକୁ ଯାଇ ଜଣେ ନର୍ସ ଠକାମିର ଶିକାର ହୋଇଛନ୍ତି। ପୋଷାକ ନ ଦେଇ ନର୍ସଙ୍କ ଠାରୁ ୪ ହଜାରରୁ ଅଧିକ ଟଙ୍କା ଠକିନେଇଛନ୍ତି। ଏପରିକି ଡେଲିଭରି ପାଇଁ ଅଧିକ ଟଙ୍କା ଦାବି କରୁଛନ୍ତି। ଟଙ୍କା ନ ଦେଲେ ପୋଷାକ ଡେଲିଭରି କରାଯିବ ନାହିଁ ବୋଲି ଠକ ଜଣଙ୍କ ନର୍ସଙ୍କୁ କହିଛନ୍ତି। ଠକାମିର ଶିକାର ହୋଇଥିବା ନର୍ସ ଜଣଙ୍କ ହେଲେ ଛତିଶଗଡ଼ ଅଞ୍ଚଳର। ସେ ଚନ୍ଦ୍ରଶେଖରପୁର ଥାନା ଶ୍ରୀବିହାର ଅଞ୍ଚଳରେ ରହୁଥିବାରୁ ଘଟଣା ସଂକ୍ରାନ୍ତରେ ସ୍ଥାନୀୟ ଥାନାରେ ସୋମବାର ଅଭିଯୋଗ କରିଛନ୍ତି।

# ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ବିଲକୁ ଓଲଟିଲା ବସ୍

## ଜଣେ ନାବାଳକ ସମେତ ୮ଆହତ

ଖୋର୍ଦ୍ଧା/ବାଘମାରୀ/ବେଗୁନିଆ,୧୬।୧୨
(ପ୍ରଭାତ ପାଣିଗ୍ରାହୀ/
ମିହିର ରଞ୍ଜନ ମହାପାତ୍ର/
ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରବିବାର ବିଳମ୍ବିତ ରାତିରେ ଏକ ଯାତ୍ରୀବାହୀ ବସ୍ ରାଜପଥ କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ବିଲ ଭିତରକୁ ଓଲଟି ପଡ଼ିଥିଲା। ଫଳରେ ବସ୍‌ରେ ଥିବା ଜଣେ ନାବାଳକଙ୍କ ସମେତ ୮ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ନାବାଳକଙ୍କ ସମେତ ୩ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱରର ଏକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବାଘମାରୀ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍ ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ମୁତାବକ, ରବିବାର ରାତି ପ୍ରାୟ ୮ଟାରେ ଗଞ୍ଜାମ ଜିଲା ବଡ଼ଗଡ଼ରୁ ଚକାଡ଼ୋଳା ନାମକ ଏକ ଯାତ୍ରୀବାହୀ ବସ୍ (ଓଆର୍ ୦୨ବିଡବ୍ଲୁ ୨୧୧୧) ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ବସ୍‌ରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ବିଳମ୍ବିତ ରାତି ଯୋଗୁ ଯାତ୍ରୀମାନେ ଶୋଇପଡିଥିଲେ। ୫୭ନଂ. ଜାତୀୟ ରାଜପଥର ବେଗୁନିଆ-ବାଘମାରୀ ମଧ୍ୟରେ ଥିବା ଏକ ଇଟା ଫ୍ୟାକ୍ଟ୍ରି ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ରାସ୍ତାକଡ଼ ବିଲକୁ ଓଲଟି ପଡିଥିଲା। ଫଳରେ ବସ୍‌ରେ ଥିବା ଯାତ୍ରୀମାନେ ଚିତ୍କାର କରିବା ସହ ଜଣେ ୧୨ବର୍ଷୀୟ ବାଳକଙ୍କ




ହାତ ଗାଡି ତଳେ ରହିଯାଇଥିଲା। ଜେସିବି ସାହାର୍ଯ୍ୟରେ ଗାଡିକୁ ଓଠାଯାଇ ନାବାଳକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୮ଜଣ ଗୁରୁତର ଆହତ ହୋଇଥିଲେ। ଖବରପାଇ ବାଘମାରୀ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ନାବାଳକଙ୍କ ସମେତ ୩ଜଣଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। କେତେଜଣ ଯାତ୍ରୀ କାଚ ଭାଙ୍ଗି ନିଜେ ବାହାରକୁ ଆସିଥିବା ବେଳେ ଅନ୍ୟମାନେ ଜରୁରିକାଳୀନ ଫାଟକଦେଇ ବାହାରକୁ ଆସିଥିଲେ। ଆହତମାନେ ହେଲେ ବିଘ୍ନେଶ୍ୱର ନାୟକ, ସୁଦର୍ଶନ ପାତ୍ର, ସସ୍ମିତା ଗୌଡ଼, ସୁନିତା କିନ୍ନର ଗଞ୍ଜାମ ଅଞ୍ଚଳର ବୋଲି ଜଣାପଡିଛି। ସେହିପରି ଖୋର୍ଦ୍ଧା ଅଞ୍ଚଳର ସନାତନ ଗୌଡ଼, ଗୀତା ସ୍ୱାଇଁଙ୍କ ପରିଚୟ ମିଳିଥିବା ବେଳେ ଅନ୍ୟମାନଙ୍କର ପରିଚୟ ମିଳିପାରିନାହିଁ। ତେବେ ଦୁର୍ଘଟଣା ପରେ ବସ୍ ଚାଳକ ଏବଂ କଣ୍ଡକ୍ଟର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବା ବେଳେ ବସ୍ ଡ୍ରାଇଭରଙ୍କ ଆଖି ପଡିଯିବା କିମ୍ବା ଘନ କୁହୁଡ଼ି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ସୋମବାର ବସ୍ ଉଠିବା ପରେ ନିଜ ଆସବାବପତ୍ର ନେଇ ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଫେରିଥିଲେ।




ସୈନିକ ସ୍କୁଲ ନିକଟବର୍ତ୍ତୀ ଅଞ୍ଚଳରୁ ଡମ୍ପିଂୟାର୍ଡ ଅନ୍ୟତ୍ର ସ୍ଥାନାନ୍ତର ଦାବି କରି ଏନ୍‌ଏସ୍‌ୟୁଆଇ ପକ୍ଷରୁ ସୋମବାର ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। (ଫଟୋ: ବିକାଶ ନାୟକ)

## ୩ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ବାଲିଅନ୍ତା,୧୬।୧୨(ନୀଳମାଧବ ସାହୁ) ନିମାପଡ଼ା ଜଳସମ୍ପଦ ଡିଭିଜନର ବାଲିପାଟଣା ସବ୍‌ଡିଭିଜନ ଅଧୀନ ଭୁବନପୁର ସେକ୍ସନ ଅଫିସ ନିକଟରେ ସୋମବାର ୨ଟି କେନାଲ ବନ୍ଧ ରାସ୍ତା ଓ ଗୋଟିଏ କଂକ୍ରିଟ ଲାଇନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ନିମାପଡ଼ା ଶାଖା କେନାଲର ଭୁବନପୁରଠାରୁ ବଇଁଚୁଆ ପର୍ଯ୍ୟନ୍ତ ୩ କି.ମି. ଭିତର ପଟ୍ ଲାଇନିଂ, ପୁରୀ ମୁଖ୍ୟ କେନାଲ ବାମପାର୍ଶ୍ୱ ରାସ୍ତାର ଉନ୍ନତୀକରଣ ଓ ନିମାପଡ଼ା ଶାଖା କେନାଲ ଦକ୍ଷିଣପାର୍ଶ୍ୱ ବନ୍ଧ ରାସ୍ତାର ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଶିବ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ମୁଖ୍ୟ ଅତିଥି ଏମ୍‌ପି ଷଡ଼ଙ୍ଗୀ କହିଥିଲେ, ସେ ୨୪ବର୍ଷର ଭାରତୀୟ ପ୍ରଶାସନିକ ସେବା ଛାଡ଼ି ରାଜନୀତିକୁ ଆସିଛନ୍ତି। ରାଜନୀତିର ଗୋଟିଏ ଲକ୍ଷ୍ୟ ବିକାଶ କାର୍ଯ୍ୟ ଓ ଦ୍ୱିତୀୟ ଲକ୍ଷ୍ୟ ଲୋକଙ୍କ ଅଭିଯୋଗ ଶୁଣି ସମାଧାନ ଦିଗରେ ଚେଷ୍ଟିତ ହେବା। ଅନ୍ୟପଟେ ଭିତ୍ତିପ୍ରସ୍ତର ଫଳକରେ ସ୍ଥାନୀୟ ବିଧାୟକଙ୍କ ନାମ ଲେଖା ଥିଲେ ମଧ ଉପସ୍ଥିତ ନ ଥିଲେ। କାର୍ଯ୍ୟକ୍ରମରେ ନିମାପଡ଼ା ଜଳସମ୍ପଦ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠ ନାଥ ଦଳାଇ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେଶ ସ୍ୱାଇଁ, ଚୌଧୁରୀ ଦ୍ୱାରିକାନାଥ ଦାଶ, ଅଶୋକ ପଟ୍ଟନାୟକ, ତାପସ ଜେନା, ସିଦ୍ଧେଶ୍ୱର ନାଥ, ମାଗୁଣି ସେଠୀ, ସଞ୍ଜୟ ପରିଜା, ନନ୍ଦକିଶୋର ଦାସ, ବିଜୟ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଶୁଭ୍ରାଂଶୁ ପଣ୍ଡାଙ୍କୁ ୪ର୍ଥ ଅକ୍ଷୟ ଉପନ୍ୟାସ ପୁରସ୍କାର



ଭୁବନେଶ୍ୱର,୧୬।୧୨(ସୌମ୍ୟରଞ୍ଜନ ରାଉତ)- ପ୍ରତିଭା ରାୟ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ୪ର୍ଥ ଅକ୍ଷୟ ଉପନ୍ୟାସ ପୁରସ୍କାର ପ୍ରଦାନ ସମାରୋହ ସୋମବାର ସୂଚନାଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲେଖକ ଓ ନାଟ୍ୟକାର ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ କଥାଶିଳ୍ପୀ ଦେବପ୍ରସାଦ ଦାସ, ଫାଉଣ୍ଡେଶନ୍ ମ୍ୟାନେଜିଂ ଟ୍ରଷ୍ଟି ଆଦ୍ୟାଶା ଦାସ ଓ ମୁଖ୍ୟ ଉପଦେଷ୍ଟା ପ୍ରଫେସର ବସନ୍ତ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ଶୁଭ୍ରାଂଶୁ ପଣ୍ଡାଙ୍କୁ ତାଙ୍କ ଉପନ୍ୟାସ 'ଇତର' ଲାଗି ୪ର୍ଥ ଅକ୍ଷୟ ଉପନ୍ୟାସ ପୁରସ୍କାର ପ୍ରଦାନ କରାଯାଇଛି। ପଣ୍ଡାଙ୍କୁ ମାନପତ୍ର, ଉତ୍ତରୀୟ ସହ ୫୧ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ପଣ୍ଡା କହିଥିଲେ, କୌଣସି ପୁସ୍ତକ ସିଧାସଳଖ ପରିବର୍ତ୍ତନ ଆଣିପାରେ ନାହିଁ। ତୃତୀୟ ଲିଙ୍ଗୀ ଇତର ବୋଲି କହୁଥିବା ଏ ସମାଜ ମୋ ଉପନ୍ୟାସ ପଢି ଯଦି ସେମାନଙ୍କ ପ୍ରତି ନିଜର ମନୋଭାବ ବଦଳାଇବ ତାହା ହିଁ ମୋ' ଉପନ୍ୟାସ ଲେଖାର ସାର୍ଥକତା ହେବ। ଇତର ଉପନ୍ୟାସ ଟ୍ରାନ୍ସଜେଣ୍ଡରର ଜୀବନ ଯାତ୍ରା ସମ୍ପର୍କରେ ଲିଖିତ। କାହାଣୀ ଭିତରେ ମୁଖ୍ୟଚରିତ୍ର ଗୋବିନ୍ଦର ଦୁଃସ୍ଥିତି କଥା ଲେଖକ ବଖାଣିଛନ୍ତି। 'ଇତର' ହେଉଛି ତୃତୀୟଲିଙ୍ଗୀ ମଣିଷଙ୍କ ସଂଘର୍ଷ ଉପରେ ଲିଖିତ ପ୍ରଥମ ଉପନ୍ୟାସ ଯାହା ୨୦୨୧ ମସିହାରେ ପ୍ରକାଶ ପାଇଥିଲା। ସତ୍ୟ ଘଟଣା, ଗବେଷଣା ତଥ୍ୟକୁ ନେଇ ପ୍ରସଙ୍ଗ ଭିତ୍ତିକ ଉପନ୍ୟାସ ଲେଖୁଥିବା ଶୁଭାଂଶୁ ପଣ୍ଡାଙ୍କର ତିନୋଟି ଉପନ୍ୟାସ ଓ ଦୁଇଟି ଗଳ୍ପ ସଂକଳନ ସମେତ ମୋଟ ୧୦ଟି ପୁସ୍ତକ ପ୍ରକାଶ ପାଇଛି। ପୁରସ୍କାର ଉତ୍ସବରେ 'ଇତର' ଉପନ୍ୟାସର ତୃତୀୟ ସଂସ୍କରଣ ବଜାରକୁ ଆସିଛି।

# ଆନ୍ତର୍ଜାତିକ ଗୀତା ମହୋତ୍ସବରେ ମଧ୍ୟପ୍ରଦେଶର ଗିନିଜ୍ ୱାର୍ଲ୍ଡ ରେକର୍ଡ



ଭୁବନେଶ୍ୱର,୧୬।୧୨
(ଅନୁରାଧା ମହାରଣା)

ଆଧ୍ୟାତ୍ମିକତା ଓ ସାଂସ୍କୃତିକର ଏକ ମହନୀୟ ଉତ୍ସବରେ ମଧ୍ୟପ୍ରଦେଶ ସଂସ୍କୃତି ବିଭାଗର ଆନ୍ତର୍ଜାତୀୟ ଗୀତା ମହୋତ୍ସବ ବୁଧବାର ସର୍ବବୃହତ ଏକକାଳୀନ ହିନ୍ଦୁ ପାଠ୍ୟ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡ ହାସଲ କରିଛି। ଏହି କାର୍ଯ୍ୟକ୍ରମରେ ଭଗବଦ୍ ଗୀତାର ଶିକ୍ଷାକୁ ପ୍ରୋତ୍ସାହିତ କରିବା ଓ ମଧ୍ୟପ୍ରଦେଶର ସାଂସ୍କୃତିକ ଐତିହ୍ୟ ପ୍ରଦର୍ଶନ ପାଇଁ ଜଣାଶୁଣା ପରାମର୍ଶଦାତା ନିଶ୍ଚଳ ବାରୋଟଙ୍କ ନେତୃତ୍ୱରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ପ୍ରୟାସ ଯୋଜନା କରାଯିବା ସହ କାର୍ଯ୍ୟକାରୀ ହୋଇଥିଲା। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୩୭୨୧ ଅଂଶଗ୍ରହଣକାରୀ ଭଗବଦ୍ ଗୀତା ପାଠ କରି ଏକ ମାଇଲ ଖୁଣ୍ଟ ସ୍ଥାପନ କରିଛନ୍ତି। ମଧ୍ୟପ୍ରଦେଶ ପାଇଁ ଏହି ଉତ୍ସବ ଏକ ସ୍ମରଣୀୟ ପ୍ରଦର୍ଶନ ଥିଲା, ଯାହା ବିଶ୍ୱ ସ୍ତରରେ ଏକସଙ୍ଗରେ ଭଗବଦ୍ ଗୀତାର ସଂରକ୍ଷଣ ଓ ପାଠର ମହତ୍ତ୍ୱକୁ ଦର୍ଶାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡ. ଯାଦବ କହିଛନ୍ତି, ଉକ୍ତ ଐତିହାସିକ ସଫଳତା ଲୋକଙ୍କ ସାଂସ୍କୃତିକ ଓ ଆଧ୍ୟାତ୍ମିକତା ଶକ୍ତିକୁ ପ୍ରତିଫଳିତ କରିଛି। ଭଗବଦ୍ ଗୀତାର ମହତ୍ତ୍ୱକୁ ପ୍ରତିପାଦିତ କରିବା ଏହି ଘଟଣା ମାଧ୍ୟମରେ ଆମେ କେବଳ ଏହାର ଶିକ୍ଷା ପାଳନ କରିନାହୁଁ, ବରଂ ଏକତା, ଆଧ୍ୟାତ୍ମିକତା, ଶୃଙ୍ଖଳା ଓ ସର୍ବଭାରତୀୟ ସ୍ତରରେ ଗଭୀର ସଂଯୋଗକୁ ପ୍ରେରଣା ଦେଉଛୁ। ବିଶ୍ୱ ରେକର୍ଡ ପରାମର୍ଶଦାତା ନିଶ୍ଚଳ ବାରୋଟ କହିଥିଲେ, ଭାରତର ଏକ ରାଜ୍ୟ ସହ ଘନିଷ୍ଠ ଭାବେ କାର୍ଯ୍ୟ କରିବା ଓ ଗିନିଜ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିବା ହେଉଛି ବଡ଼ ଅନୁଭବ। ଏହି ସଫଳତା କେବଳ ଆମ ସାଂସ୍କୃତିକ ସମୃଦ୍ଧତା ନୁହେଁ ବରଂ ଆମ ପ୍ରବୃତ୍ତି ଓ ବିଶ୍ୱସ୍ତରୀୟ ଆକାଂକ୍ଷାକୁ ପ୍ରତିଫଳିତ କରିଛି।

# ପ୍ରାଥମିକ ଶିକ୍ଷକଙ୍କ ଦାବି, ସମସ୍ୟା ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର,୧୬।୧୨(ସୁଚିସ୍ମିତା ସାହୁ)

ଅଲ୍ ଓଡ଼ିଶା ପ୍ରାଇମେରି ଟିଚର୍ସ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱର ଶ୍ରମିକ ଭବନରେ ସୋମବାର ସାଂଗଠନିକ ସମ୍ପାଦକ ପଦ୍ମଲୋଚନ ନାୟକ ଓ ରଘୁନାଥ ପୁରୀଙ୍କ ମିଳିତ ଉଦ୍ୟମରେ ବିଭିନ୍ନ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଓପିଟିଏର ସଭାପତି ସୁଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିବାବେଳେ ୨୧ଟି ଜିଲାର ନେତୃତ୍ୱ ଓ ବିଭିନ୍ନ ସଂଗଠନର ଶୀର୍ଷ ନେତୃତ୍ୱ ଯୋଗଦେଇଥିଲେ। ପ୍ରାଥମିକ ଶିକ୍ଷକଙ୍କ ମୂଳ ଦାବି ମାଟ୍ରିକ ସିଟି ପୋଷ୍ଟରୁ +୨ ସିଟି ପୋଷ୍ଟକୁ ଅପଗ୍ରେଡ୍ କରାଯିବା ସହିତ ମୂଳ ଦରମାକୁ ୪୨୦୦ ଗ୍ରେଡ୍ ପେ ଅନୁଯାୟୀ ୩୫,୪୦୦ ଟଙ୍କା ଦେବା, ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ ସହିତ ୬ ବର୍ଷକୁ ମୂଳ ଚାକିରିରେ ଗଣନା କରିବା ଦାବି ସମ୍ବନ୍ଧରେ ଆଲୋଚନା ହୋଇଥିଲା।

ବୈଠକରେ ପୁନର୍ବାର ୟୁପିଟିଏଫ୍‌କୁ ଜାଗ୍ରତ କରିବା, ପୂର୍ବର ସମସ୍ତ ସଂଗଠନକୁ ଏକାଠି କରାଇବା ଓ ଶିକ୍ଷକଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖି ଦାବି ହାସଲ କରିବା ନେଇ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ଜିଲା ୟୁପିଟିଏଫ୍ ଓ ବ୍ଲକ ୟୁପିଟିଏଫ୍ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସରକାରଙ୍କ ସହିତ ଦାବି ହାସଲ ପାଇଁ ଚାଲିଥିବା ଆଲୋଚନାକୁ ୟୁପିଟିଏଫ୍‌ର ବିଭିନ୍ନ ସଂଘର କମିଟିକୁ ତ୍ୱରାନ୍ୱିତ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। ଆଗାମୀ ଦିନରେ ସମସ୍ତ ପ୍ରାଥମିକ ଶିକ୍ଷକ ସଂଗଠନଗୁଡ଼ିକୁ ନେଇ ଏକ ମୁଖ୍ୟ କମିଟି ଗଡାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଏଓପିଟିଏ, ଜିଆଇଟିଏ, ଓଜିଆଇଟିଏ, ମିଳିତ ପ୍ରାଥମିକ ଶିକ୍ଷକ ମଞ୍ଚ ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ସଂଗଠକ ଅଂଶଗ୍ରହଣ କରିଥିଲେ। ବୈଠକରେ ସୁଶାନ୍ତ କୁମାର ବେହେରା, ବଙ୍କିମ ଚନ୍ଦ୍ର ସାଗର, ମଳୟ ଜେନା, ସୁନିଲ କୁମାର ପ୍ରଧାନ, ସୁମନ୍ତ ପାଲ, ଅଳକା ମିଶ୍ର ପ୍ରମୁଖ ନେତୃତ୍ୱ ଯୋଗଦେଇଥିଲେ। ଆଗାମୀ ବୈଠକ ଖୁବ୍‌ଶୀଘ୍ର ଡକାଯିବା ପାଇଁ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯିବାକୁ ସ୍ଥିରୀକୃତ ହୋଇଛି।

# ଟାଭି ଚିକିତ୍ସା ଜରିଆରେ ନୂଆ ଜୀବନ ପାଇଲେ ବୟସ୍କା ମହିଳା

## ମଣିପାଲ ହସ୍ପିଟାଲରେ ସଫଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୧୬।୧୨(ଅଭୟ ଦାଶ)

ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ବୟସ୍କା ମହିଳାଙ୍କର ସଫଳ ଅସ୍ତ୍ରୋପଚାର ହୋଇଛି। ଏପରିକି ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ ହସ୍ପିଟାଲକୁ ଆଉ ଏକ ସଫଳତା ମିଳିଛି। ଉଲ୍ଲେଖଯୋଗ୍ୟ,ଗୁରୁତର ଏଓର୍ଟିକ୍ ଷ୍ଟେନୋସିସ୍ ରୋଗରେ ଆକ୍ରାନ୍ତ ଜଣେ ବୟସ୍କା ମହିଳାଙ୍କର ଭାଲଭ୍-ଇନ୍-ଭାଲଭ୍ ଟ୍ରାନ୍ସକ୍ୟାଥେଟର୍ ଏଓର୍ଟିକ୍ ଭାଲ୍‌ଭ ଇମ୍ପ୍ଲାଣ୍ଟେସନ୍ ବା ଟାଭି ପ୍ରକ୍ରିୟାରେ ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱରର ଅଭିଜ୍ଞ ଚିକିତ୍ସକମାନେ ଚିକିତ୍ସା କରି ତାଙ୍କୁ ନୂତନ ଜୀବନ ଦେଇଛନ୍ତି। ଏପରିକି ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱରର ଅଭିଜ୍ଞ ହୃଦ୍‌ରୋଗ ବିଶେଷଜ୍ଞ ଡା. ଦିବ୍ୟରଞ୍ଜନ ବେହେରା ଓ ତାଙ୍କ ଟିମ୍ ଏହି ଜଟିଳ ଚିକିତ୍ସାକୁ ସଫଳତାର ସହ ଶେଷ କରିବାରେ ସକ୍ଷମ ହୋଇଛନ୍ତି।

ଏ ସମ୍ପର୍କରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ମେଡିକାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର ଏହି ବିରଳ ସର୍ଜରି ପାଇଁ ହୃଦ୍‌ରୋଗ ବିଭାଗର ସମସ୍ତ ଡାକ୍ତର, ନର୍ସ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି, ଆମର ଅଭିଜ୍ଞ ହୃଦ୍‌ରୋଗ ଡାକ୍ତର ଟିମ୍ ଅତ୍ୟାଧୁନିକ ଭାଲଭ-ଇନ୍-ଭାଲଭ ବା ଟାଭି ପଦ୍ଧତିରେ ଚିକିତ୍ସା କରାଇ ସଫଳ ହୋଇଛନ୍ତି। ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ହୃଦ୍‌ରୋଗ ବିଭାଗରେ ଅତ୍ୟାଧୁନିକ ପଦ୍ଧତି ଓ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସମସ୍ତ ପ୍ରକାର ଚିକିତ୍ସା ସମ୍ଭବ ହୋଇପାରୁଛି। ଭୁବନେଶ୍ୱର ମଣିପାଲ ହସ୍ପିଟାଲରେ ଅତ୍ୟାଧୁନିକ କ୍ୟାଥ ଲ୍ୟାବ୍, ଡିଜିଟାଲ କ୍ୟାଥଲ୍ୟାବ୍ ,୨୪ ଘଣ୍ଟିଆ ହୃଦ୍‌ରୋଗ ଜରୁରିକାଳୀନ ଚିକିତ୍ସା ସୁବିଧା ଖୁବ୍ କମ ଦିନ ମଧ୍ୟରେ ଉପଲବ୍ଧ ହେବ।

# ଟେଣ୍ଡର ଦେବା ନାଁରେ ୭.୨୭ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୧୨(ସୂର୍ଯ୍ୟକାନ୍ତ ବେହେରା): ରେଲୱେ ବିଭାଗର ଏକ ଟେଣ୍ଡର ଦେବାର ମିଥ୍ୟା ପ୍ରଲୋଭନ ଦେଖାଇ କପଡ଼ା ବ୍ୟବସାୟୀ ସଞ୍ଜୟ ରାଉତଙ୍କୁ ୭ଲକ୍ଷ ୨୭ ହଜାର ୮୦୦ ଟଙ୍କା ଠକିବା ଅଭିଯୋଗରେ ଖାରବେଳ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ନୟାପଲ୍ଲୀରେ ରହୁଥିବା କଟକ ନିଆଳି ଥାନା ଅଞ୍ଚଳର ଅଶ୍ୱିନୀ ପଟେଲ। ସେ ନିଜକୁ ରେଲୱେର ବଡ଼ କର୍ମଚାରୀ ବୋଲି ପରିଚୟ ଦେଉଥିଲେ। ସେ ଟଙ୍କା ଫେରସ୍ତ ପାଇଁ ଦୁଇଟି ଚେକ୍ ଦେଇଥିଲେ ମଧ ଅଭିଯୋଗକାରୀ ତାହାକୁ ବ୍ୟାଙ୍କରେ ଜମା କରିବାରୁ ବାଉନ୍ସ ହୋଇଯାଇଥିଲା।

# ୧୦ ଜଣଙ୍କୁ 'ସୃଜନ ସମ୍ମାନ'

ଭୁବନେଶ୍ୱର,୧୬।୧୨(ସୌମ୍ୟରଞ୍ଜନ ରାଉତ)

ଷଷ୍ଠ ରାଜ୍ୟ ପୁସ୍ତକ ମହୋତ୍ସବର ସାତକଡ଼ି ହୋତା ମଞ୍ଚରେ ସୋମବାର କାବ୍ୟଲୋକ ପୁସ୍ତକ ପ୍ରକାଶନ ସଂସ୍ଥା ପକ୍ଷରୁ କବିତାପାଠ, ନୂତନ ପୁସ୍ତକ ଲୋକାର୍ପଣ, କାବ୍ୟଚର୍ଚ୍ଚା ସହ ସୃଜନସ୍ୱପ୍ନ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫଣୀନ୍ଦ୍ର ଭୂଷଣ ନନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ଡ. ହୃଷିକେଶ ମଲ୍ଲିକ, ସମ୍ମାନିତ ଅତିଥି ଭାବେ କବି ସଂଯୁକ୍ତା ନାୟକ, ପ୍ରାବନ୍ଧିକ ଦାଶରଥି ଶତପଥୀ, ଅଧ୍ୟାପିକା ଡ. ହେନେରିଟା ମିଶ୍ର ଏବଂ ପ୍ରାକ୍ତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ରାମଚନ୍ଦ୍ର ରାଉତ ମଞ୍ଚାସୀନ ଥିଲେ। ସଭାରେ 'ମାନବ ବୃକ୍ଷରେ କବିତା ଯେ ଅମୃତଫଳ' ସଦୃଶ, ଯାହା ଭାଷା ଓ କବିଙ୍କୁ ଅମରତ୍ୱ ପ୍ରଦାନ କରିଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଡ. ଭଗବାନ ପଟେଲ, ଡ. ହେନେରିଟା ମିଶ୍ର, ସଂଯୁକ୍ତା ମହାନ୍ତି, ଡ. ପ୍ରିୟଲତା ଜେନା, ଶିଶିର ସୁବୁଦ୍ଧି, ଦୀନବନ୍ଧୁ ପଣ୍ଡା, ଚନ୍ଦନା ବାଗ୍‌ଦେବୀ ରଥ, ଜନ୍ମେଜୟ ବାବୁ, ଇଂ. ପ୍ରଦୀପ ଷଡ଼ଙ୍ଗୀ ଏବଂ ସନ୍ତୋଷ କୁମାର ସାହୁଙ୍କୁ 'ସୃଜନ ସମ୍ମାନରେ' ସମ୍ମାନିତ କରାଯାଇଥିଲା। ଏଥିସହ ୧୫ଟି ନୂତନ ପୁସ୍ତକ ଲୋକାର୍ପିତ ହୋଇଥିଲା। ଶେଷରେ ଆଡଭୋକେଟ ଓଁ ସ୍ୱାହା ଧଳ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

# 'ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ମିଳୁ'

ଭୁବନେଶ୍ୱର,୧୬।୧୨(ସୁଚିସ୍ମିତା ସାହୁ)

କନ୍ଧମାଳ ଜିଲା ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁବରଣ କରିଥିବା ମହିଳାଙ୍କ ପରିବାରବର୍ଗଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ, ପ୍ରତି ଅସୁସ୍ଥ ମହିଳାଙ୍କୁ ୩୦ ଲକ୍ଷ ଟଙ୍କା ଲେଖାଏ ଦେବା ସହ ମୃତକଙ୍କ ପିଲାଙ୍କ ଲାଳନପାଳନ ଓ ପାଠପଢା ଖର୍ଚ୍ଚ ସରକାର ବହନ କରନ୍ତୁ। ସେହିପରି ପ୍ରତ୍ୟେକ ଆଦିବାସୀ ବ୍ୟକ୍ତି ଏବଂ ଗରିବ ଲୋକଙ୍କୁ ମାସକୁ ୨୫ କେଜି ଚାଉଳ ଦିଆଯାଉ। ଏହିଭଳି ବିଭିନ୍ନ ଦାବି ନେଇ ସୋମବାର କନ୍ଧମାଳ ଜିଲାର ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ଲୋୟର ପିଏମ୍‌ଜିଠାରେ ଧାରଣା ଦିଆଯାଇଥିଲା। ଏଥିସହ ସଂଗଠନ ସଭାପତି ପ୍ରତାପ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜଭବନ ଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ତାଙ୍କ ସଚିବଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କନ୍ଧମାଳରୁ କିଛି ଆମ୍ବଟାକୁଆ



ଲୋୟର ପିଏମ୍‌ଜିଠାରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ପକ୍ଷରୁ ଧାରଣା।

ସଂଗ୍ରହ କରାଯାଇ ଧାରଣାସ୍ଥଳରେ ପ୍ରଦର୍ଶନ କରାଯାଇଥିଲା। କନ୍ଧମାଳ ଜିଲାର ଅର୍ଥନୈତିକ ବିକାଶ ଏବଂ ଆଦିବାସୀଙ୍କ ଜୀବନଯାପନ ମାନ ବୃଦ୍ଧି ପାଇଁ ୧୦୦୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା, ୫୦୦ କୋଟି ଟଙ୍କାରେ ମେଗା ଫୁଡ୍‌ପାର୍କ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା, ଟିକାବାଲିର ମାଳ ବାଣିଜ୍ୟ ସମବାୟ ସମିତିକୁ ୧୦୦ କୋଟି ଟଙ୍କାର ଅନୁଦାନ ସହ ପୁନରୁଦ୍ଧାର କରାଯିବା, ବନ୍ୟଜାତ ଦ୍ରବ୍ୟ କ୍ରୟ ପାଇଁ ମନୋପଲି ଲାଇସେନ୍ସ ଦେବା, କନ୍ଧମାଳରେ ଡାକ୍ତର ନିଯୁକ୍ତି, ଆମ୍ବଟାକୁଆଜନିତ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ସହ ଆଦିବାସୀଙ୍କୁ ସ୍ୱାସ୍ଥ୍ୟସେବା ଓ ପୁଷ୍ଟିକର ଖାଦ୍ୟ ଯୋଗାଇବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏହି ଆନ୍ଦୋଳନରେ ୟାସିର ନୱାଜ, ଉଦିତ ପ୍ରଧାନ, ମନୋଜ ବିଶ୍ୱାଳ, ବିଶ୍ୱଜିତ ଦାସ, ସୁବ୍ରତ ମହାପାତ୍ର, ସୁବାସ ପ୍ରଧାନ, ଶ୍ରୀୟାସ୍ମିତା ପଣ୍ଡା, ତାପସ ସେଠୀ, ପ୍ରଦ୍ୟୁମ୍ନ ଦାସ, ନିରଞ୍ଜନ ଲେଙ୍କା, ବିଜୟ ପ୍ରଧାନ, ଅଭିଷେକ ଦଳବେହେରା, ଯୁଗଳ ନାୟକ, ବଳଭଦ୍ର ଦିଗଲ ପ୍ରମୁଖ ଯୋଗଦେଇଥିଲେ।

**ଆମ୍ବଟାକୁଆ ଜାଉ ଖାଇ ମୃତ୍ୟୁ ଘଟଣା**

- ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଧାରଣା
- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**୧୦ ଫୁଟର ଅଜଗର ଉଦ୍ଧାର**

ତ୍ରିଶୂଳିଆ,(ତୁଷାରକାନ୍ତ ବେହେରା): ବାରଙ୍ଗ ବ୍ଲକ ରାମଦାସପୁର ଗ୍ରାମପଞ୍ଚାୟତ ଅଧୀନ ଅରିଲ ଗ୍ରାମ ଖେଳପଡ଼ିଆ ମୁଖ୍ୟରାସ୍ତାରୁ ସୋମବାର ଏକ ୮ ଫୁଟ ଅଜଗର ଉଦ୍ଧାର ହୋଇଛି। ଅଜଗର ରାସ୍ତା ପାରି ହେଉଥିବା ଦେଖି ସ୍ଥାନୀୟ ଲୋକେ ତାକୁ ଧରି ଜଙ୍ଗଲରେ ଛାଡ଼ିଥିବା ଜଣାପଡ଼ିଛି।

# ସିଟି ହସ୍ପିଟାଲରେ ମିଳୁନି ଇସିଜି ସୁବିଧା

## ହୃଦ୍‌ରୋଗ ଡାକ୍ତର ନାହାନ୍ତି

କଟକ, ୧୬।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସରକାର ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ମେଡିକାଲ ଭିତ୍ତିଭୂମି ସୁଦୃଢ଼ କରିବା ସହ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ତଥାପି ରୋଗୀମାନେ ଉପଯୁକ୍ତ ଚିକିତ୍ସା ସୁବିଧା ପାଇପାରୁ ନାହାନ୍ତି। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି କଟକ ଜିଲା ମୁଖ୍ୟ ଚିକିତ୍ସାଳୟ(ସିଟି ହସ୍ପିଟାଲ)ରେ। ଏଠାରେ ଥିବା ଓପିଡିରେ ହୃଦ୍‌ରୋଗୀଙ୍କ ପାଇଁ ଇସିଜି ବ୍ୟବସ୍ଥା ଥିଲେ ମଧ୍ୟ ସେମାନେ ଏହାର ସୁବିଧା ପାଉନାହାନ୍ତି। ଅପରପକ୍ଷରେ ହସ୍ପିଟାଲରେ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ହୃଦ୍‌ରୋଗ ଡାକ୍ତର ନିଯୁକ୍ତ କରାଯାଇନାହିଁ। ହସ୍ପିଟାଲରେ ଥିବା ପାରାମେଡିକାଲ କର୍ମଚାରୀ




ହୃଦ୍‌ରୋଗୀଙ୍କ ଇସିଜି କରାଇପାରିବେ। ହେଲେ କୌଣସି କାରଣରୁ ସେମାନେ ଏହା ନ କରି ରୋଗୀଙ୍କୁ ଏସ୍‌ସିବି ମେଡିକାଲ ପଠାଇ ଦେଉଛନ୍ତି। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସେମାନେ ଦାବି କରିଛନ୍ତି।

ମେଡିକାଲରୁ ମିଳିଥିବା ସୂଚନା ଅନୁଯାୟୀ, କିଛିବର୍ଷ ପୂର୍ବେ ରାଜ୍ୟ ସରକାର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଲେଖାଏ ହୃଦ୍‌ରୋଗ ଡାକ୍ତର ପଦବୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ଜାରି କରିଥିଲେ। ହେଲେ କଟକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୁଇବର୍ଷରୁ ଅଧିକ ସମୟ ହେବ ହୃଦ୍‌ରୋଗ ଡାକ୍ତର ନିଯୁକ୍ତ କରାଯାଇନାହିଁ। ଫଳରେ ବିଭିନ୍ନ ସ୍ଥାନରୁ ଆସୁଥିବା ରୋଗୀମାନେ ଏଠାରେ ଚିକିତ୍ସା ସୁବିଧା ନ ପାଇଁ ନିରାଶ ହୋଇ ଫେରୁଛନ୍ତି। ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିବା ମୁରଲୀ ଦୋରା କହିଛନ୍ତି, କଟକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଠିକ୍ ଭାବେ ରୋଗୀ ସେବା ହେଉନି। ଛାତି ଯନ୍ତ୍ରଣା ହେବାରୁ ଡାକ୍ତର ଦେଖାଇବାକୁ ଆସିଥିଲି। ହେଲେ ଏଠାରେ ଡାକ୍ତର ନ ଥିବାବେଳେ ଇସିଜି କରାଯାଉ ନଥିବା କହି ଏସ୍‌ସିବି ମେଡିକାଲ ପଠାଇ ଦିଆଯାଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ହୋତା କହିଛନ୍ତି, ଡାକ୍ତର ପଦବୀ ଫାଙ୍କା ସମ୍ପର୍କରେ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଉଛି। ସିଟି ହସ୍ପିଟାଲରେ ହୃଦ୍‌ରୋଗ ଡାକ୍ତର ନିଯୁକ୍ତି ପାଇଁ ସ୍ୱତନ୍ତ୍ର ଭାବେ ଅବଗତ କରାଇବୁ। କିନ୍ତୁ ହସ୍ପିଟାଲ ଓପିଡିରେ ଇସିଜି ବନ୍ଦ ହେବା ଘଟଣା ଗ୍ରହଣୀୟ ନୁହେଁ। ପାରାମେଡିକାଲ କର୍ମଚାରୀ ଏହା କରାଇପାରିବେ। କେଉଁ କାରଣରୁ ଇସିଜି ବନ୍ଦ କରାଯାଇଛି ସେ ସମ୍ପର୍କରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରିବୁ।

## ସଂକ୍ଷେପରେ

### ନବୀକରଣ ପାଇଁ କାଠପୋଲ ଭଙ୍ଗାଗଲା



କଟକ ସଦର,୧୬।୧୨(ସୁଶାନ୍ତ କୁମାର ଜେନା)

୫୫ ନମ୍ବର ଜାତୀୟ ରାଜପଥର କଟକ ସଦର ବ୍ଲକ ଅନ୍ତର୍ଗତ ଅଥଙ୍ଗା ନିକଟରେ ଥିବା କାଠପୋଲକୁ ନବୀକରଣ ପାଇଁ ଭାଙ୍ଗି ଦିଆଯାଇଛି। ଭାରିଯାନ ଚଳାଚଳକୁ ଦୃଷ୍ଟିରେ ରଖି ଏଠାରେ ନୂଆ ପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଆସନ୍ତା ଜୁନ୍ ସୁଦ୍ଧା ଶେଷ କରାଯିବ ବୋଲି ଜାତୀୟ ରାଜପଥ ପ୍ରାଧିକରଣ ଲକ୍ଷ୍ୟ ରଖିଛି। ଜଗତ୍‌ସିଂହପୁର ଅଞ୍ଚଳକୁ ଯାତାୟତ ପାଇଁ ହଂଶୁଆ ନଦୀ ଉପରେ ବ୍ରିଟିଶ ଅମଳରେ ଏହି କାଠ ପୋଲ ନିର୍ମାଣ କରାଯାଇଥିଲା। ୧୯୫୨ ମସିହାରେ ଏଠାରେ ପକ୍କା ପୋଲ କରାଗଲା। କନ୍ଦରପୁର ଲେବଲ କ୍ରସିଂ ନିକଟରେ ଓଭରବ୍ରିଜ ନିର୍ମାଣରେ ବିଳମ୍ବ ଘଟିବା କାରଣରୁ କେଉଁ ସ୍ଥାନରେ ବ୍ରିଜ କରାଯିବ ତାହା ଅଦ୍ୟାବଧି ସ୍ଥିର ହୋଇପାରୁନାହିଁ। ତେଣୁ ଏହି ପୋଲକୁ ପ୍ରଶସ୍ତ କରାଯିବ। ଫଳରେ ଭବିଷ୍ୟତରେ ୨ ଲେନ୍ ରାସ୍ତା ହୋଇପାରିବ ବୋଲି ଜାତୀୟ ରାଜପଥ ପ୍ରାଧିକରଣର ଜଣେ ବରିଷ୍ଠ ଯନ୍ତ୍ରୀ କହିଛନ୍ତି।

### କୃଷ୍ଣେଶ୍ୱର ମନ୍ଦିର ହୁଣ୍ଡିରୁ ଚୋରି

ମଙ୍ଗୁଳି-ଜଗତପୁର,୧୬।୧୨(ମାନସ ସାମଲ)

ଜଗତପୁର ଥାନା ଅଧୀନ ନିମପୁରସ୍ଥିତ କୃଷ୍ଣେଶ୍ୱର ମନ୍ଦିର ହୁଣ୍ଡିରୁ ରବିବାର ରାତିରେ ଚୋରି ହୋଇଛି। ଏନେଇ ମନ୍ଦିର କମିଟି ସଭାପତି ମୋହନ ରଞ୍ଜନ ପଣ୍ଡା ସୋମବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଛି। ଅଭିଯୋଗ ଅନୁଯାୟୀ, ରବିବାର ରାତିରେ କେହି ଦୁର୍ବୃତ୍ତ ମନ୍ଦିରର ଷ୍ଟିଲ୍ ଗେଟ୍ ଭାଙ୍ଗି ଭିତରେ ପଶିବା ସହ ହୁଣ୍ଡିରୁ ପ୍ରାୟ ୨୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ସୋମବାର ସକାଳେ ପୂଜକ ମନ୍ଦିରକୁ ଆସି ଚୋରି ହୋଇଥିବା ଦେଖିବା ପରେ ମନ୍ଦିର କମିଟିକୁ ଜଣାଇଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଏହି ମନ୍ଦିରରୁ ଚୋରି ହୋଇଥିବା ଜଣାପଡିଛି। ତୁରନ୍ତ ରାତିରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ମନ୍ଦିର କମିଟି ସଦସ୍ୟ ଓ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



ବାଟ ଓଷା: ଶିଶୁଙ୍କ ମଙ୍ଗଳ କାମନା କରି କଟକ ମାନସିଂହପାଟଣା ରାସ୍ତାରେ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

## ସର୍ବଭାରତୀୟ ପାଥୋଲୋଜି ଓ ମାଇକ୍ରୋବାୟୋଲୋଜିର ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

କଟକ, ୧୬।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ନୂତନ ଅଡିଟୋରିୟମରେ ୪ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ପାଥୋଲୋଜି ଓ ମାଇକ୍ରୋବାୟୋଲୋଜିର ୭୨ତମ ବାର୍ଷିକ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ସମ୍ମିଳନୀର ସଭାପତି ପ୍ରଫେସର କନକଲତା ଦେଈଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଇଣ୍ଡିଆନ୍ ଆସୋସିଏଶନ ଅଫ୍ ପାଥୋଲୋଜିଷ୍ଟ ଆଣ୍ଡ୍ ମାଇକ୍ରୋବାୟୋଲୋଜିଷ୍ଟ (ଆଇଏପିଏମ୍)ର ସର୍ବଭାରତୀୟ ସମ୍ମିଳନୀକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉଦ୍‌ଘାଟନ କରିଥିଲେ। ରୋଗୀ ଚିକିତ୍ସାରେ ଏହି ଦୁଇଟି ବିଷୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ। ଏଭଳି ସମ୍ମିଳନୀ ଚିକିତ୍ସା ଓ ଗବେଷଣା କ୍ଷେତ୍ରରେ ସହାୟକ ହେବ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରଦେଶର ୨୦ ଜଣ ସିନିୟର ପାଥୋଲୋଜିଷ୍ଟଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ପାଥୋଲୋଜି ଆସୋସିଏଶନର ଜନ୍ମ ବୃତ୍ତାନ୍ତ ବିଷୟ ନେଇ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା। ଏହି ସମ୍ମିଳନୀରେ ୧୨ଟି ମେଡିକାଲ କଲେଜର ଛାତ୍ରୀଛାତ୍ର ଯୋଗଦେଇଥିଲେ। ସମ୍ପାଦକ ଡା. ରଞ୍ଜନ ଅଗ୍ରୱାଲ ବିବରଣୀ ପାଠ ଓ ପ୍ରଫେସର ଡା. ଅସରନ୍ତି କର ଧନ୍ୟବାଦ ଦେଇଥିଲେ। ଅର୍ଗାନାଇଜିଂ ଚେୟାରମ୍ୟାନ ପ୍ରଫେସର ଲିଟି ମହାନ୍ତି, ପ୍ରଣତୀ ମହାନ୍ତି, ଦେବହୂତି ମହାପାତ୍ର, ପ୍ରଫେସର ସସ୍ମିତା ପଣ୍ଡା, ଅପରାଜିତା ମିଶ୍ର, ପ୍ରଫେସର ନିମାଇଁ ଚରଣ ପରିଜା, ଡା. ଜ୍ଞାନେନ୍ଦ୍ର ନାଥ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୮ରେ ଜବରଦଖଲ ଉଚ୍ଛେଦ

କଟକ ସଦର,୧୬।୧୨(ସୁଶାନ୍ତ କୁମାର ଜେନା)

୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ବଜାରରୁ ଆସନ୍ତା ବୁଧବାର ଜବରଦଖଲ ଉଚ୍ଛେଦ କରାଯିବ। କଟକ ସଦର ତହସିଲ ଓ ଜାତୀୟ ରାଜପଥ ପ୍ରାଧିକରଣର ମିଳିତ ଉଦ୍ୟମରେ ଏହି କାର୍ଯ୍ୟ କରାଯିବ ବୋଲି ତହସିଲଦାର ସୁଜୟ କୁମାର ପତି କହିଛନ୍ତି। ମାତ୍ର ଉଠାଦୋକାନୀଙ୍କୁ ଅନ୍ୟତ୍ର ଥଇଥାନ ଓ କ୍ଷତିପୂରଣ ଦେବାକୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଡା. ଅଶୋକ ବୋଷଙ୍କ ପରଲୋକ

କଟକ,୧୬।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ଆନାଟୋମି ବିଭାଗର ପୂର୍ବତନ ବରିଷ୍ଠ ଚିକିତ୍ସକ ପ୍ରଫେସର ଡା. ଅଶୋକ ବୋଷ(୮୭)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପରେ ତାଙ୍କ ମରଶରୀରକୁ ଚୌଧୁରୀବଜାର ମଠସାହିସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ ତଥା ବିଶିଷ୍ଟ ଅସ୍ଥିଶଲ୍ୟ ଚିକିତ୍ସକ ପ୍ରଫେସର ଡା. ଅଶ୍ୱିନୀ କୁମାର ବୋଷ, ବୋହୂ ଡା. ଚାରୁ କଳାଙ୍କ ସମେତ ପରିବାର ସଦସ୍ୟ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ।

## ଜ୍ୟୋତିପ୍ରକାଶଙ୍କୁ ବିପୁଳ ଭୋଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିବେଦନ

କଟକ,୧୬।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଏକ ଘରୋଇ ଚ୍ୟାନେଲ୍‌ରେ ପ୍ରସାରିତ ହେଉଥିବା ରିୟଲିଟି ଶୋ’ ଇଣ୍ଡିଆନ୍ ଆଇଡଲ୍‌ର ଟପ୍-୧୫ରେ କଟକର ଜ୍ୟୋତି ପ୍ରକାଶ ଓଝା ସ୍ଥାନ ପାଇଛନ୍ତି। ତାଙ୍କୁ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟୀ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି। କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ୬୯ତମ ପୋଲିସ ଡ୍ୟୁଟି ମିଟ୍‌ର ଉଦ୍‌ଯାପନୀ ସମାରୋହ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ ଜ୍ୟୋତିପ୍ରକାଶଙ୍କ ବାପା ରବୀନ୍ଦ୍ର ଓଝାଙ୍କୁ ଭେଟିଥିଲେ।

## ଡିଭାଇଡରରେ ପିଟିହେଲା କାର

କଟକ, ୧୬।୧୨(କାର୍ତ୍ତିକ ସାହୁ)

କଟକ ଜୁଡିସିଆଲ ଏକାଡେମି ଛକରେ ସୋମବାର ସନ୍ଧ୍ୟାରେ ଏକ ଇନୋଭା କାର ଭାରସାମ୍ୟ ହରାଇ ଡିଭାଇଡରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ କାର୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଦୁର୍ଘଟଣା ପରେ କାର ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ଦୁର୍ଘଟଣା ଗ୍ରସ୍ତ କାର୍‌କୁ ଜବତ କରି ତଦନ୍ତ ଚଳାଇଛି।



କଟକ ସାରଳା ଭବନରେ ଅନୁଷ୍ଠିତ ଜଷ୍ଟିସ୍ ରାଜକିଶୋର ଦାସ ବାର୍ଷିକ ସ୍ମୃତିସଭାରେ ସଙ୍ଗୀତ ସାଧିକା ତୃପ୍ତି ଦାସଙ୍କୁ ଜଷ୍ଟିସ୍ ରାଜକିଶୋର ଦାସ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଉଛି।

## ଫାଇନାଲରେ ୟୁନିଟ-୯ ଭୁବନେଶ୍ୱର

### ରାଜ୍ୟସ୍ତରୀୟ ବିକୁନ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଖୁଣ୍ଟୁଣୀ,୧୬।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ୍ ଅଧୀନ ଖୁଣ୍ଟୁଣୀର ଗାନ୍ଧୀ ଖେଳପଡ଼ିଆରେ ରାଜ୍ୟସ୍ତରୀୟ ବିକୁନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମା’କନକଦୁର୍ଗା କ୍ରିକେଟ କ୍ଲବ ଖୁଣ୍ଟୁଣୀ ପକ୍ଷରୁ ଆୟୋଜିତ ୩ ଦିନିଆ କ୍ରିକେଟ ଟୁର୍ନାମେଣ୍ଟରେ ଭଦ୍ରକ, ପଶ୍ଚିମବଙ୍ଗ, ସୋନପୁର, କେନ୍ଦ୍ରାପଡ଼ା, ତାଳଚେର, ଢେଙ୍କାନାଳ ଓ ଭୁବନେଶ୍ୱରର ୮ଟି କ୍ରିକେଟ୍ କ୍ଲବ ଅଂଶଗ୍ରହଣ କରିଛି। ପ୍ରଥମ ଦିନରେ ୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ଡିସିସି ସନ୍ଥପୁରା ବନାମ ୟୁନିଟ୍-୯ ଭୁବନେଶ୍ୱର ମଧ୍ୟରେ ଖେଳା ଯାଇଥିଲା। ଏଥିରେ ୟୁନିଟ୍-୯ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଡ୍ରିମ-୧୧ ସୋନପୁର ଓ ସୁହାନି-୧୧ ପଶ୍ଚିମବଙ୍ଗ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମବଙ୍ଗ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଅପରାହ୍ଣ ଖେଳର ପ୍ରଥମ ସେମିରେ ସୁହାନି-୧୧ ପଶ୍ଚିମବଙ୍ଗକୁ ପରାସ୍ତ କରି ୟୁନିଟ୍-୯ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଉଦଘାଟନୀ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ଶ୍ରୀ ସିମେଣ୍ଟ ପ୍ଲାଣ୍ଟର ୟୁନିଟ୍ ହେଡ୍ ଦୀପେନ୍ଦ୍ର ଭରଦ୍ୱାଜ, ପ୍ଲାଣ୍ଟର ଜିଏମ୍ (ଏଚ୍‌ଆର୍) ପ୍ରଦୀପ କୁମାର ଭୋଇ, ଚିତ୍ତରଞ୍ଜନ ଜେନା, ସମିତିସଭ୍ୟ ଗଗନ ବିହାରୀ ପରିଡା ଯୋଗଦେଇଥିଲେ। ମଙ୍ଗଳବାର ଦ୍ୱିତୀୟ ଦିବସରେ ସିଆର୍‌ଏନ୍-୧୧ ବନାମ ଜିଏମ୍‌ସିସି ଢେଙ୍କାନାଳ ଏବଂ ଇମେଜ-୧୧ ଭଦ୍ରକ ବନାମ ଫାୟାର-୧୧ ପୁରୀ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ମା’ କନକ ଦୁର୍ଗା କ୍ରିକେଟ୍ କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

## ‘ସାହିତ୍ୟିକ ସ୍ପଷ୍ଟବାଦୀ, ନିର୍ଭୀକ ହୁଅନ୍ତୁ’



ଉତ୍ସବରେ ଅତିଥି ଓ ଅନ୍ୟମାନେ ପ୍ରବନ୍ଧ ପୁସ୍ତକ ଉନ୍ମୋଚନ କରଛନ୍ତି।

କଟକ, ୧୬।୧୨(କାର୍ତ୍ତିକ ସାହୁ)

କଟକ ମହାନଦୀବିହାରସ୍ଥିତ ମହାନଦୀ ଭବନରେ ଇଂ. ମୁରଲୀଧର ହୋତାଙ୍କ ରଚିତ ପ୍ରବନ୍ଧ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇ ସ୍ପଷ୍ଟବାଦୀ ଓ ନିର୍ଭିକ ହେବା ପାଇଁ ସାହିତ୍ୟିକଙ୍କୁ ଆହ୍ୱାନ ଦେଇଥିଲେ। ‘ଖୋଲାଝର୍କା’ ସାହିତ୍ୟ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ, ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକ ଓ ଆଦିତ୍ୟ ପ୍ରତାପ ଧଳ ଯୋଗଦେଇଥିଲେ। ପ୍ରାବନ୍ଧିକ ଇଂ. ହୋତା ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ‘ଖୋଲା ଝର୍କା’ର ସମ୍ପାଦକ ଇଂ. ଅଜୟ କୁମାର ରାଉତ ସ୍ୱାଗତ ଭାଷଣ, ଅରୁଣା ସାମନ୍ତରାୟ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଉପେନ୍ଦ୍ର ନାଥ ତ୍ରିପାଠୀ ସ୍ତୋତ୍ର ପାଠ, ସୁଷମା ଦେବୀ କାର୍ଯ୍ୟକ୍ରମ ସଂଯୋଜନା ଓ ମିଥୁନ ରଞ୍ଜନ ହୋତା ଧନ୍ୟବାଦ ଦେଇଥିଲେ।

## ପାଣି ପଞ୍ଚାୟତର ସମସ୍ୟା ସମାଧାନକୁ ଗୁରୁତ୍ୱ

କଟକ, ୧୬।୧୨(କାର୍ତ୍ତିକ ସାହୁ)



ଜଳସମ୍ପଦ ବିଭାଗ ପକ୍ଷରୁ କଟକ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଆସନ୍ତା ୨୨ରୁ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ବିଭିନ୍ନ ବିଭାଗର ସହଯୋଗରେ ପାଳନ ହେବାକୁ ଥିବା ଏହି ପକ୍ଷର ଶୁଭାରମ୍ଭ ଆସନ୍ତା ୨୨ ତାରିଖରେ ହେବ। ଏଥିସହ ପାଣି ପଞ୍ଚାୟତର ଉପାଦେୟତା ବାର୍ତ୍ତା ବହନ କରୁଥିବା ସଚେତନତା ରଥ ଉଦ୍‌ଘାଟନ କରାଯିବ। ଏହି ରଥ ଜିଲାର ସମସ୍ତ ବ୍ଲକ୍ ଭ୍ରମଣ କରିବ। ଏହି ପକ୍ଷ ପାଳନର ବିଭିନ୍ନ କାର୍ଯକ୍ରମ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପକ୍ଷ ପାଳନର ଅଂଶବିଶେଷ ଭାବେ ପ୍ରତାପ ନଗରୀସ୍ଥିତ ୱାଲ୍‌ମିଠାରେ ଆସନ୍ତା ୨୯ ତାରିଖରେ ଏକ ପ୍ରଦର୍ଶନୀ ଆୟୋଜନ କରାଯିବ। ଏଥିର କୃଷି ପ୍ରାଣୀପାଳନ ଏବଂ ପ୍ରାଣୀଚିକିତ୍ସା, ଜଙ୍ଗଲ, ମୃତ୍ତିକା ସରକ୍ଷଣ, ଉଦ୍ୟାନ କୃଷି, ମତ୍ସ୍ୟ, ଉଠା ଜଳସେଚନ, ଗବେଷଣାରତ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇ ଯନ୍ତ୍ରାଂଶ ପ୍ରଦର୍ଶନ କରିବେ। ଏହି ଉପଲକ୍ଷେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପାଣି ପଞ୍ଚାୟତ ବିଷୟରେ ବିଭିନ୍ନ ପ୍ରତିଯୋଗୀତା କରାଯିବ। ଉଦ୍‌ଯାପନୀ ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲାରେ ୩୦୦ରୁ ଉର୍ଦ୍ଧ୍ୱ ପାଣି ପଞ୍ଚାୟତ କାର୍ଯ୍ୟ କରୁଛି। କଟକ ଜିଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ପାଣି ପଞ୍ଚାୟତ ସମ୍ମୁଖୀନ ହେଉଥିବା ସମସ୍ୟାର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେବା ପାଇଁ ଅଧିକାରୀଙ୍କୁ ଜିଲାପାଳ ସିନ୍ଦେ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ବରିଷ୍ଠ ଇଞ୍ଜିନିୟର ହେମନ୍ତ କୁମାର ପାଣ୍ଡବ, ବିଜୟ କୁମାର ସେଠି, ମଳୟ କୁମାର ସାହୁ, ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର କରଙ୍କ ସମେତ ବିଭାଗୀୟ ଅଧିକାରୀ ଯୋଗଦେଇ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସଫଳ ପାଳନ ନିମନ୍ତେ ଆଲୋଚନା କରିଥିଲେ।

## ଫଟୋରେ ଖବର




କଟକ ବାଲିଯାତ୍ରା ଉପରପଡିଆରେ ଅନୁଷ୍ଠିତ ସିପିଆଇ(ଏମ୍)ର ଓଡ଼ିଶା ରାଜ୍ୟ ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।




କଟକ କଳାବିକାଶ କେନ୍ଦ୍ରରେ ଅନୁଷ୍ଠିତ ଯୁଦ୍ଧବୀର ସମ୍ବର୍ଦ୍ଧନା ସମାରୋହରେ ସମ୍ବର୍ଦ୍ଧିତ ୱାର ହିରୋ ଓ ପରିବାର ସଦସ୍ୟଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।

## ସଂକ୍ଷେପରେ

### ରାସ୍ତାରେ ଜଳିଗଲା ଇଲେକ୍ଟ୍ରିକ୍ ବାଇକ୍



ଖୋର୍ଦ୍ଧା,୧୬।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଜଟଣୀ ଗୋଶାଳା ପଡ଼ିଆ ରାସ୍ତାରେ ସୋମବାର ଅପରାହ୍ନରେ ଏକ ଇଲେକ୍ଟ୍ରିକ୍ ବାଇକ୍ ଜଳିଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଏକ ବଡ଼ ଦୁର୍ଘଟଣାରୁ ବାପପୁଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା ମୁତାବକ, ମୁକୁନ୍ଦପ୍ରସାଦର ଦୀନବନ୍ଧୁ ବଳିୟାରସିଂହ ଏକ ଇଲେକ୍ଟ୍ରିକ୍ ବାଇକ୍‌ରେ ସ୍କୁଲରୁ ପୁଅକୁ ନେଇ ଆସୁଥିବା ବେଳେ ହଠାତ୍ ଗାଡ଼ି ବନ୍ଦ ହୋଇଯାଇଥିଲା। ପୁଅକୁ ଅନ୍ୟ ଜଣଙ୍କ ସାଥିରେ ଛାଡ଼ି ବାଇକ୍ ଗଡ଼ାଇ ଆସୁଥିଲେ। ବାଇକ୍‌ରୁ ଧୂଆଁ ବାହାରିବାରୁ ଦୀନବନ୍ଧୁ ଗାଡ଼ି ଅଟକାଇ ଷ୍ଟାଣ୍ଡ ମାରିଥିଲେ। ଏହାପରେ ଗାଡ଼ିଟି ଜଳିଉଠିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଯାତାୟାତ ବନ୍ଦ ହୋଇଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପେଟ୍ରୋଲ ଖର୍ଚ୍ଚରୁ ରକ୍ଷା ପାଇବା ଲାଗି ଇଲେକ୍ଟ୍ରିକ୍ ବାଇକ୍ କିଣିଥିଲି, ତାହା ଆଜି ଜଳିଗଲା ବୋଲି ଦୀନବନ୍ଧୁ କହିଛନ୍ତି।

### ସିଗ୍‌ମା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ଖୋର୍ଦ୍ଧା,୧୬।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଷ୍ଟାଡିୟମରେ ସିଗ୍‌ମା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଅନୁଷ୍ଠାନର ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାରତୀୟ ରିଜର୍ଭ ୬ଷ୍ଠ ବାଟାଲିୟନର ଅତିରିକ୍ତ କମାଣ୍ଡର ଅଶ୍ୱିନୀ କୁମାର ମହାପାତ୍ର ଯୋଗଦେଇ କ୍ରୀଡାବିତ୍‌ଙ୍କଠାରୁ ମଶାଲ ଗ୍ରହଣ କରି ଉତ୍ସବର ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ପାଇଁ ସମ୍ପୂର୍ଣ୍ଣଭାବେ ଏକ ସାଧନା। ବିଦ୍ୟାଳୟସ୍ତରରେ ଏହି ସାଧନା ହାସଲ ପାଇଁ କ୍ରୀଡ଼ା ପ୍ରତିଯୋଗିତା ଆବଶ୍ୟକତା ରହିଛି। ଛାତ୍ର ସମୟରୁ ଏହି ସାଧନା ତଥା ପ୍ରତିଯୋଗିତା ମନୋଭାବ ଭବିଷ୍ୟତରେ ବିଶ୍ୱ ଅଲମ୍ପିକ୍ସରେ କୃତୀତ୍ୱ ହାସଲ କରିବାର ପଥ ଦେଖାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ନର୍ସରୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ ଭାବେ ସୂର୍ଯ୍ୟାଂଶୁ ଭଞ୍ଜ ଏବଂ ତୃପ୍ତିମୟୀ ସ୍ୱାଇଁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଉଦ୍‌ଯାପନ କାର୍ଯ୍ୟକ୍ରମରେ କମାଣ୍ଡର ମହାପାତ୍ର ଏବଂ ଉପାଧକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ସ୍କୁଲର ଚେୟାରମ୍ୟାନ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଯୋଗଦେଇ ଦେଇ କୃତୀ କ୍ରୀଡାବିତ୍‌ଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

# 'ଯୁବପିଢ଼ି ଇତିହାସକୁ ଜାଣନ୍ତୁ'

**ଖୋର୍ଦ୍ଧା ମହୋତ୍ସବ ଦ୍ୱିତୀୟ ଦିବସ**

ଖୋର୍ଦ୍ଧା,୧୬।୧୨(ପ୍ରଭାତ ପାଣିଗ୍ରାହୀ)

ସାମାଜିକ ଅନୁଷ୍ଠାନ ନିୟୁ ଥିଙ୍କିଙ୍ଗ୍ ଫୋରମ୍ ପକ୍ଷରୁ ହାବେଳି ପଡ଼ିଆରେ ଆୟୋଜିତ ଖୋର୍ଦ୍ଧା ମହୋତ୍ସବ ରୌପ୍ୟ ଜୟନ୍ତୀ ସମାରୋହର ସୋମବାର ଥିଲା ଦ୍ୱିତୀୟ ଦିବସ। ଏଥିରେ ଅନୁଷ୍ଠାନର ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ଯୋଗଦେଇ କହିଥିଲେ, ଖୋର୍ଦ୍ଧାର କଳା, ସଂସ୍କୃତି, ପରମ୍ପରା ଏବଂ ଲୁକ୍କାୟିତ ପ୍ରତିଭା ବିକାଶ ଦିଗରେ ମହୋତ୍ସବ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। କଳା ସଂସ୍କୃତି ସମ୍ପର୍କ ଯୋଡ଼ିଥାଏ। ପରସ୍ପର ମଧ୍ୟରେ ଭାବ ବିନିମୟ ହୋଇଥାଏ। ପାଇକ ସଂଗ୍ରାମ ପାଇଁ ଖୋର୍ଦ୍ଧା ମାଟି ଜାତୀୟସ୍ତରରେ ଗୌରବାନ୍ୱିତ ହୋଇଛି। ଆଗାମୀ ପିଢ଼ି ନିଜ ମାଟିର ସଂସ୍କୃତି, ପରମ୍ପରା ବିକାଶ ଦିଗରେ ସଚେତନ ହେବା ଜରୁରୀ। ଅତୀତର ଗୌରବ ଗାଥାକୁ ଆଗକୁ ନେବା ଦିଗରେ ଆଗେଇଆସିବା ସହ ଯୁବପିଢ଼ି ଇତିହାସକୁ ଜାଣନ୍ତୁ ବୋଲି କହିଥିଲେ। କାର୍ଯ୍ୟକାରୀ ସଭାପତି ଡ. ସଞ୍ଜୟ ପଟ୍ଟନାୟକ ଖୋର୍ଦ୍ଧା ମହୋତ୍ସବ ଆୟୋଜନ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଗୋଟିଏ ଜାତି ତା'ର କଳା ସଂସ୍କୃତିକୁ ନେଇ ଗର୍ବ କରେ। ଏହାକୁ ଉଜ୍ଜୀବିତ କରି ରଖିବା ଆଜିର ଯୁବପିଢ଼ିଙ୍କ ଉତ୍ତରଦାୟିତ୍ୱ। ମୁଖ୍ୟ ସଂଯୋଜକ ନିକୁଞ୍ଜ ପଟ୍ଟନାୟକ କହିଥିଲେ, ବିକଶିତ ଖୋର୍ଦ୍ଧା ଗଠନରେ ଯୁବପିଢ଼ିଙ୍କ ପ୍ରମୁଖ ଦାୟିତ୍ୱ ରହିଛି। ଆତ୍ମନିର୍ଭର ସମାଜ ଗଠନର ଲକ୍ଷ୍ୟ ହେଉ ବୋଲି କହିଥିଲେ। ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଉପସ୍ଥିତ ଥିଲେ। ଶୀତୁଆ ସନ୍ଧ୍ୟାରେ କଳାକାରଙ୍କ ଚିତ୍ତାକର୍ଷକ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ନୃତ୍ୟାୟନ କଳାକାରମାନେ ପ୍ରଥମ ଅର୍ଘ୍ୟରେ ଓଡ଼ିଶୀ ନୃତ୍ୟରେ ମଙ୍ଗଳାଚରଣ ପରିବେଷଣ କରିଥିଲେ। ପରେ ନୃତ୍ୟଧାମ ଭୁବନେଶ୍ୱର, ନୀଳଶୈଳ ନୃତ୍ୟ ଅନୁଷ୍ଠାନ, ସ୍ଥାନୀୟ ବ୍ଲାକ ସ୍ୱାଇଡର, ରଣପୁରର ଏସ୍‌ଆର୍ ଡ୍ୟାନ୍ସ ଗ୍ରୁପ୍ ଏବଂ ଦେବୀ ଡ୍ୟାନ୍ସ ଭୁବନେଶ୍ୱରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଖୋର୍ଦ୍ଧା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଧନୁଯାତ୍ରା ଉତ୍ସବ ଅବସରରେ ସୋମବାର ମା'ଭୂଇଁଆଣୀ ଗ୍ରାମ ପରିକ୍ରମା କରିବା ସହ ଭୋଗ ଖାଉଛନ୍ତି।

## ମା'ଭୂଇଁଆଣୀଙ୍କ ଧନୁଯାତ୍ରା ଉତ୍ସବ

ବୋଲଗଡ଼,୧୬।୧୨(ଦେବବ୍ରତ ହୋତା)

ବୋଲଗଡ଼ ସଦର ପଞ୍ଚାୟତ ନିକଟବର୍ତ୍ତୀ ପାହାଡ଼ ପାଦଦେଶରେ ଅବସ୍ଥିତ ମା' ଭୂଇଁଆଣୀ ପୀଠରେ ମା'ଙ୍କ ୩୫ତମ ଧନୁଯାତ୍ରା ଉତ୍ସବ ଅନୁଷ୍ଠିତ ହେଉଛି। ରବିବାର ମା' ଭୂଇଁଆଣୀ ଠାକୁରାଣୀ (ବନଦୁର୍ଗା)ଙ୍କ ଅଧିବାସ ଓ ହୋମାଦି କାର୍ଯ୍ୟ ବ୍ରାହ୍ମଣଙ୍କ ଦ୍ୱାରା ସମ୍ପାଦିତ ହୋଇଥିବା ବେଳେ ସୋମବାର ମା'ଙ୍କ ବିଜେ ପ୍ରତିମା ଏକ ସୁସଜ୍ଜିତ ବିମାନରେ ଛତ୍ରି, ତ୍ରାସ, ଘଣ୍ଟଘଣ୍ଟା ଏବଂ ବାଦ୍ୟର ତାଳେତାଳେ ପୂର୍ବାହ୍ଣରେ ଗ୍ରାମ ପରିକ୍ରମା କରି ପ୍ରତ୍ୟେକଙ୍କ ଦ୍ୱାରରେ ଭୋଗ ଖାଇବା ପରେ ମନ୍ଦିର ଆସ୍ଥାନକୁ ଫେରିଥିଲେ। ମା' ଭୂଇଁଆଣି ଟ୍ରଷ୍ଟବୋର୍ଡ ପକ୍ଷରୁ ଆୟୋଜିତ ଏହି ଧନୁଯାତ୍ରା ଉତ୍ସବ ବୁଧବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ଦୋକାନ ବଜାର ପସରା ମେଲିଛି। ନୟାଗଡ ଜିଲା ଭୁଡିହର ମା'ବାଉତି ନାଟ୍ୟସଂସଦ ଦ୍ୱାରା ପ୍ରତିଦିନ ବିଭିନ୍ନ ନାଟକ ପରିବେଷଣ ହେବାକୁ ଥିବା ବେଳେ ଧନୁଯାତ୍ରାର ଅନ୍ତିମ ସନ୍ଧ୍ୟାରେ ଆତସବାଜି ପ୍ରତିଯୋଗିତା ହେବ ବୋଲି ଟ୍ରଷ୍ଟବୋର୍ଡ ପକ୍ଷରୁ ସୂଚନା ମିଳିଛି।

# ପାଣି ପଞ୍ଚାୟତ ପକ୍ଷ ପାଳନ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୧୬।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ପାଣି ପଞ୍ଚାୟତ ପକ୍ଷ ପାଳନ ନେଇ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଅଧକ୍ଷତା କରିଥିବା ବେଳେ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କସ୍ତୁରିବାଳା ଜେନା ଉପସ୍ଥିତ ଥିଲେ। ଏହି ପାଣି ପଞ୍ଚାୟତ ୨୨ ଡିସେମ୍ବରରୁ ୫ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ଚାଲୁ ରହିବ। ଡିଭିଜନାଲ ସ୍ତରରେ ପ୍ରଥମେ ଆସନ୍ତା ୨୨ ତାରିଖ ଏବଂ ପରେ ଜିଲାସ୍ତରରେ ଆସନ୍ତା ୨୯ ତାରିଖରେ ପାଳନ କରାଯିବ। ଶେଷରେ ରାଜ୍ୟସ୍ତରରେ ଆସନ୍ତା ଜାନୁଆରୀ ୫ରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବାର ବ୍ୟବସ୍ଥା ରହିଛି। ଜିଲାସ୍ତରରେ ଆସନ୍ତା ୨୯ ତାରିଖରେ ଏକ ରଥ ପାଣି ପଞ୍ଚାୟତ ପକ୍ଷ ଉଦ୍ଦେଶ୍ୟରେ ସଚେତନ କରାଇବା ପାଇଁ ଜିଲାର ୧୦ଟି ବ୍ଲକ ଏବଂ ପୌର ପରିଷଦ ପରିକ୍ରମା କରିବ। ଏଥିସହ ଜିଲାସ୍ତରରେ ଥିବା ବିଦ୍ୟାଳୟଗୁଡ଼ିକରେ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ଅର୍ଥରାଶି ଯଥାକ୍ରମେ ୨୫୦୦, ୨୦୦୦, ୧୫୦୦ ଟଙ୍କା ଏବଂ ମାନପତ୍ର ପ୍ରଦାନର ବ୍ୟବସ୍ଥା ରହିଛି। ବୈଠକରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରତ୍ୟେକ ଡିଭିଜନାଲ ଅନ୍ତର୍ଗତ ସମସ୍ତ ପାଣି ପଞ୍ଚାୟତର ସମୀକ୍ଷା କରିବା ସହ ୧୦ ଦିନ ଭିତରେ ଏକ ବୈଠକ କରି ବିବରଣୀ ପ୍ରଦାନ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କୁ ପିଲାମାନଙ୍କ ପ୍ରତିଯୋଗିତା କରାଇବା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ୧୦ଟି ଷ୍ଟଲ୍ ଖୋଲିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଜଳସେଚନର ସମ୍ପୃକ୍ତ ଅଧିକାରୀ, ଅତିରିକ୍ତ ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଜିଲା ଟୁରିଷ୍ଟ ଅଧିକାରୀ ମୀରାବାଇ ବେହେରା, ବନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ପାଣି ପଞ୍ଚାୟତ ପକ୍ଷ ପାଳନ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବେଗୁନିଆ,୧୬।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିକ୍ଷା ବିକାଶ ସଂସ୍ଥାନ ପକ୍ଷରୁ ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ମୁଖ୍ୟ ଅତିଥି, ଜିଲା ପ୍ରମୁଖ ସୁନୀଲ କୁମାର ଛୋଟରାୟ ମୁଖ୍ୟ ବକ୍ତା, ଜିଲା ସଂଯୋଜକ ଗନ୍ଧର୍ବ ସେନ ସାହୁ ଏବଂ ସମ୍ପାଦକ ଗୁନ୍ନଲତା ରାଉତରାୟ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ଶରୀରକୁ ଫୁର୍ତ୍ତି ରଖିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ପ୍ରତିଯୋଗିତାରେ ୧୭୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଧାନ ଆଚାର୍ଯ୍ୟ ଶ୍ରୀନିବାସ ବାରିକଙ୍କ ସମେତ ଗୁରୁଜୀ ଓ ଗୁରୁମାମାନେ ପରିଚାଳନା କରିଥିଲେ।

## ବୋଲଗଡ଼ ଟାଉନ ଷ୍ଟେଶନ କାର୍ଯ୍ୟ ତ୍ୱରାନ୍ୱିତ ଦାବି

ବୋଲଗଡ଼,୧୬।୧୨(ଦେବବ୍ରତ ହୋତା)

ପୂର୍ବତଟ ରେଳପଥର ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନରେ ଅବସ୍ଥିତ ବୋଲଗଡ଼ ପାସେଞ୍ଜର୍ ହଲ୍ଟ ନିୟମିତ ରେଳ ଷ୍ଟେଶନରେ ପରିଣତ ହୋଇଛି। ବୋଲଗଡ ରେଲୱେ ଷ୍ଟେଶନ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ବୋଲଗଡ଼ ଅଞ୍ଚଳବାସୀ ଏଥିନେଇ ଦାବି କରିଆସୁଥିବା ବେଳେ ଗତ ବର୍ଷ ଜୁଲାଇ ୧ ତାରିଖ ଶ୍ରୀଗୁଣ୍ଡିଚାରେ ଏହା କାର୍ଯ୍ୟକ୍ଷମ ହେବା ନେଇ ରେଲୱେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଖୋର୍ଦ୍ଧାରୋଡ ରେଳମଣ୍ଡଳ ଡିଆରଏମ୍ କ୍ରିୟାନୁଷ୍ଠାନ କମିଟିର ସଦସ୍ୟଙ୍କୁ ଡକାଇ ନିୟମିତ ରେଲୱେ ଷ୍ଟେଶନର କାର୍ଯ୍ୟକ୍ଷମ ନେଇ ପ୍ରସ୍ତୁତି ବୈଠକରେ ଆଲୋଚନା କରିଥିଲେ ମଧ ଏହା ବିଳମ୍ବିତ ହେଉଛି। ପାସେଞ୍ଜର୍ ହଲ୍ଟକୁ ନିୟମିତ ରେଲଷ୍ଟେଶନରେ ରୂପାନ୍ତରିତ କରିବା ପାଇଁ ଅନେକ ଆନୁଷଙ୍ଗିକ କାର୍ଯ୍ୟ କରିବା ଆବଶ୍ୟକ ଅଛି। ଏନେଇ ସୋମବାର ବୋଲଗଡ଼ ଉନ୍ନୟନ ପରିଷଦ କର୍ମକର୍ତ୍ତାମାନେ ଜଟଣୀଠାରେ ପୂର୍ବାଞ୍ଚଳ ରେଳ ଡିଭିଜନର ଏଡିଆରଏମ୍ ଏ.କେ ବେହେରାଙ୍କୁ ଭେଟି ବୋଲଗଡ଼ ଟାଉନ ଷ୍ଟେଶନର ସମସ୍ତ କାର୍ଯ୍ୟ ଷ୍ଟେଶନ ଗୃହ, ବିଶ୍ରାମ ଗୃହ, ଆଲୋକୀକରଣ, ପାନୀୟଜଳ ବ୍ୟବସ୍ଥା, ଷ୍ଟେଶନକୁ ରାସ୍ତା, ଶୌଚାଳୟ, ଷ୍ଟେଶନ ମାଷ୍ଟର ନିଯୁକ୍ତି, ପରିଷ୍କାର ପରିଚ୍ଛନ୍ନତା, କର୍ମଚାରୀ ଗୃହ, ଓଭରବ୍ରିଜ ନିର୍ମାଣ, କମ୍ପ୍ୟୁଟରାଇଜଡ୍ ଟ୍ରେନ ଟିକେଟ ମିଳିବାର ସୁବିଧା କରିବା ପାଇଁ ଏକ ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ।

## ନିରାକାରପୁର ବଜାରରେ ଅଗ୍ନିକାଣ୍ଡ: ୩ ଦୋକାନ ଜଳିଗଲା



ନିରାକାରପୁର,୧୬।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ବଜାରରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁଲାଗି ନବୀନ ବେହେରାଙ୍କ ଭେରାଇଟି ଷ୍ଟୋର, ଭୀମ ସେନାପତିଙ୍କ ଗ୍ୟାରେଜ ଏବଂ ହାପି ମାଝିଙ୍କ ପରିବା ଦୋକାନ ଜଳିଯାଇଛି। ଦୋକାନରେ ଥିବା ଟଙ୍କା ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଟାଙ୍ଗୀ ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲା। ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ସୋମବାର ସଂକ୍ରାନ୍ତି ଥିବାରୁ ବଜାରର ଦୋକାନସବୁ ବନ୍ଦ ରହିଥିଲା। ଅପରାହ୍ନ ୩ଟାରେ ଦୋକାନଗୁଡ଼ିକରୁ ନିଆଁ ଏବଂ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ନବୀନଙ୍କ ଦୋକାନରେ ଥିବା ଟଙ୍କା ଏବଂ ବିଭିନ୍ନ କମ୍ପାନୀର ବିସ୍କୁଟ, ଆଲମଣ୍ଡ, କାଜୁ, ପେସ୍ତାବାଦାମ ସହ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ିଯାଇଛି। ସେହିପରି ହାପିଙ୍କ ପରିବା ନଷ୍ଟ ହେବା ସହ ଜଳିଯାଇଛି। ଅନୁରୂପଭାବେ ଭୀମଙ୍କ ଗ୍ୟାରେଜ ଜଳିଯାଇଥିବା ବେଳେ ସଜାଡ଼ିବା ପାଇଁ ଥିବା କେତେକ ବାଇକ୍ କ୍ଷତିଗ୍ରସ୍ତ ହୋଇଛି। ଅନୁରୂପଭାବେ ପିଣ୍ଟୁ ବେହେରାଙ୍କ ଫଳ ଦୋକାନ ଜଳି କ୍ଷତି ହୋଇଥିବା ଜଣାପଡ଼ିଛି। ସେହିପରି ଏକ ଫାଷ୍ଟଫୁଡ୍ ଦୋକାନର ମଧ ଆଂଶିକ କ୍ଷତି ଘଟିଛି। କ୍ଷତିଗ୍ରସ୍ତ ଦୋକାନୀଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହେଉଛି।

## ଶ୍ରୀ ଶିବ କଥାମୃତ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଜଟଣୀ,୧୬।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀର ପାତ୍ରପଡ଼ାସ୍ଥିତ ନାଗେଶ୍ୱର ମନ୍ଦିର ପରିସରରେ ସୋମବାର ଶ୍ରୀଶିବ କଥାମୃତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜବାହରଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆମରି ସତ୍ୟ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ପ୍ରାରମ୍ଭରେ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ପଣ୍ଡିତ ରମାକାନ୍ତ ମିଶ୍ର ଯୋଗଦେଇ ବିଭିନ୍ନ କାବ୍ୟ, ସାହିତ୍ୟ, ପୁରାଣରୁ ଉଦାହରଣ ଦେଇ ସତ୍ୟ ଶିବ ସୁନ୍ଦର ତତ୍ତ୍ୱ ଉପସ୍ଥାପନା କରିଥିଲେ। ସମ୍ମାନିତ ଅତିଥି ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀ, ମୁଖ୍ୟବକ୍ତା କାଶୀନାଥ ଦାସ, ତ୍ରିଲୋଚନ ମହାପାତ୍ର, ଡ. ବିଷ୍ଣୁଚରଣ ସାହୁ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଲକ୍ଷ୍ମୀଧର ବିଶ୍ୱାଳ ଓ ପାଲାଗାୟକ ଡମ୍ବରୁଧର ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ଆମରି ସତ୍ୟ ବିକାଶ ପରିଷଦ ପକ୍ଷରୁ ମନ୍ଦିର ପରିଚାଳନା ସମିତିର ସଦସ୍ୟା ସଦସ୍ୟ ସତ୍ୟନାରାୟଣ ସାହୁ, କେଲୁଚରଣ ସାହୁ, କେଦାରେଶ୍ୱର ମହାପାତ୍ର, ଦେବଯାନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସମରଜିତ୍ ପଟ୍ଟନାୟକଙ୍କ ସଭାପତିତ୍ୱରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପିକା ସୌଦାମିନୀ ବେହେରା, ପଦ୍ମଲୋଚନ ସାହୁ ଏବଂ ଅଧ୍ୟାପିକା ଆରତି ସେନ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଡ. ଭାବଗ୍ରାହୀ ବିଶ୍ୱାଳ, ବସନ୍ତ କିଶୋର ପାଟ୍ଟଶାଣୀ, ଆଦିନାରାୟଣ ଖଣ୍ଡୁଆଳ, ବ୍ରଜବନ୍ଧୁ ନାୟକ, ସୁରେଶ ସ୍ୱାଇଁ, ଅର୍ଜୁନ ବାରିକ, ରବୀନ୍ଦ୍ର ପ୍ରସାଦ ସାହୁ, ବିଜୟାନନ୍ଦ ପଟ୍ଟନାୟକ, ପ୍ରତାପ ବାରିକ ପ୍ରମୁଖ ଯୋଗଦେଇଥିଲେ। ଶେଷରେ କିଶୋର ଚନ୍ଦ୍ର ପାଇକରାୟ ଧନ୍ୟବାଦ ଦେଇଥିଲେ।

## ବିସିସି ଖଳିସାହି ବିଜୟୀ

**ଚତୁର୍ଦ୍ଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ**

ବୋଲଗଡ଼,୧୬।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଟାଙ୍ଗୀ ପଡ଼ିଆଠାରେ ଅନୁଷ୍ଠିତ ଚତୁର୍ଦ୍ଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ ଲିଗ୍ ମ୍ୟାଚ୍ ପାଟପୁର ଗ୍ରାମର କେବିସିସି ଏବଂ ଖଳିସାହି ଗ୍ରାମର ବିସିସି ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ପାଟପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୬.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୦୭ ରନ ସଂଗ୍ରହ କରିଥିଲା। ଜବାବରେ ଖଳିସାହି ଟିମ୍ ୧୪ଓଭରରେ ୭ ଉଇକେଟ ବିନିମୟରେ ୧୦୮ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଲକ୍ଷ୍ମୀଧର ପ୍ରଧାନ ଏବଂ ଦିଲୀପ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ କଳାଙ୍ଗ ପଞ୍ଚାୟତ ସମିତିସଭ୍ୟ ରଶ୍ମିରଞ୍ଜନ ପ୍ରଧାନ ଏବଂ ରବୀନ୍ଦ୍ର ସାଥୁଆ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବ ସଭାପତି ନିରଞ୍ଜନ ନାୟକଙ୍କ ସମେତ ସଦସ୍ୟ ବିଲ୍ଟୁ, ଆକୁଳ, କୁନୁ, ତ୍ରିନାଥ, ଲିଙ୍କୁନ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ପଣ୍ଡୁସର ଓ ବ୍ରଜରାଜପୁର ଟିମ୍ ମଧ୍ୟରେ ମ୍ୟାଚ ହେବ ବୋଲି ମୁଖ୍ୟ ପରିଚାଳକ ଶାନ୍ତନୁ ଛୋଟରାୟ କହିଛନ୍ତି।



# ଫାଇନାଲରେ କୋଲକାତା ଏକାଦଶ



**ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନଶିପ୍**

ଟାଙ୍ଗୀ,୧୬।୧୨(ରଘୁନାଥ ସାହୁ)

ଚିଲିକା ଷ୍ଟାଡିୟମଠାରେ ଅନୁଷ୍ଠିତ ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନଶିପ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ କୋଲକାତା ଏକାଦଶ ଏବଂ ବିହାର ଏକାଦଶ ମଧ୍ୟରେ ହୋଇଥିଲା। ଏହି ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୨-୦ ଗୋଲରେ କୋଲକାତା ଏକାଦଶ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। କୋଲକାତା ଏକାଦଶ ଟିମ୍‌ର ୭ ନମ୍ବର ଜର୍ସି ଖେଳାଳି ମମତାଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ସମ୍ମାନିତ କରାଯାଇଥିଲା। ରିନା ତିର୍କି ମ୍ୟାଚ୍ ପରିଚାଳନା କରିଥିବା ବେଳେ ବୀଣାପାଣି ବିରୁଆ, ବାଳାମତି ଓରାମ ଏବଂ ଆରତି ମହାନ୍ତ ସହଯୋଗ କରିଥିଲେ। ଦୁର୍ଗା ମାଧବ ନାୟକ ମ୍ୟାଚ କମିଶନର ଥିଲେ। ଅତିଥିଭାବେ ବଳରାମ ଦେବ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଜୟ ଚନ୍ଦ୍ର ପଟ୍ଟନାୟକ, ରଞ୍ଜନ ବେହେରା, ସୁଦର୍ଶନ ନାୟକ, ସତ୍ୟବ୍ରତ ନାୟକ, ଅମିନ ପରିଡ଼ା, ବସନ୍ତ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କମିଟି ସଭାପତି ତପନ ମହାନ୍ତି, ସମ୍ପାଦକ ନିରଞ୍ଜନ ନାୟକ, ଉପଦେଷ୍ଟା ରାମଚନ୍ଦ୍ର ମହାପାତ୍ର, ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମଙ୍ଗଳବାର ଫାଇନାଲ ମ୍ୟାଚ କୋଲକାତା ଏକାଦଶ ଓ ଭୁବନେଶ୍ୱର ଟିମ୍ ମଧ୍ୟରେ ହେବ ବୋଲି ସମ୍ପାଦକ କହିଛନ୍ତି।

## ସେମିରେ ଫ୍ରେଣ୍ଡସ ପାରାଡାଇଜ ଜଟଣୀ

**ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ**

ଯାଁଳା,୧୬।୧୨(ବୁଲା ବାରିକ)

ସ୍ଥାନୀୟ ରାଧାଚରଣପୁର ଖେଳପଡ଼ିଆରେ ଶବର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ୨୬ତମ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ସୋମବାର ଫ୍ରେଣ୍ଡସ ପାରାଡାଇଜ ଜଟଣୀ ଏବଂ ୟୁନାଇଟେଡ୍ କ୍ଲବ ଭଦ୍ରକ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୟୁନାଇଟେଡ୍ କ୍ଲବ ଭଦ୍ରକକୁ ୫-୪ ଗୋଲରେ ହରାଇ ଫ୍ରେଣ୍ଡସ ପାରାଡାଇଜ ଜଟଣୀ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ରାଜୁ ମହାନ୍ତି, ବିଦେଶୀ ନାୟକ, ପ୍ରଫୁଲ୍ଲ ବେହେରା ଏବଂ ଆନନ୍ଦ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଉତ୍କଳ ସ୍ପୋର୍ଟିଂର ମ୍ୟାନେଜର ସୁରେନ୍ଦ୍ର ମହାରଣା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଉତ୍କଳ ସ୍ପୋର୍ଟିଂ ଓ ଫ୍ରେଣ୍ଡସ ପାରାଡାଇଜ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୬।୧୨।୨୦୨୪

| | |
|---|---|
| ୭,୪୬,୨୭୪ ଟଙ୍କା | |
| ସୁନା | ୧.୦୫୦ ଗ୍ରାମ୍ |
| ରୁପା | ୧୪୧.୨୦୦ ଗ୍ରାମ୍ |

# ମହାପ୍ରଭୁଙ୍କୁ ଲାଗିହେଲା ପହିଲି ଭୋଗ

ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଧନୁ ସଂକ୍ରାନ୍ତି ସୋମବାରଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ଏହି ପହିଲି ଭୋଗ ନୀତି ଦୀର୍ଘ ୧ମାସ ଅର୍ଥାତ ମକର ସଂକ୍ରାନ୍ତି ପୂର୍ବଦିନ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଶ୍ରୀମନ୍ଦିରରେ ପହିଲି ଭୋଗ ନୀତିକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ କରାଯାଇଛି।

ପରମ୍ପରା ଅନୁଯାୟୀ, ଗୋପାଳବଲ୍ଲଭ ଅବସରରେ ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଇଛି। ରାତିରୁ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ମହାପ୍ରଭୁଙ୍କ ବିଭିନ୍ନ ନୀତିକ୍ରାନ୍ତି ଅନୁଷ୍ଠିତ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପହିଲି ଭୋଗକୁ ଦୃଷ୍ଟିରେ ରଖି ରାତି ୨ଟାରୁ ଦ୍ୱାର ଫିଟାଯାଇ ମହାପ୍ରଭୁଙ୍କ ନୀତିକ୍ରାନ୍ତି କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ପହିଲି ଭୋଗର ପ୍ରଥମ ଦିନ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି। ରାତି ୨ଟା ୫୫ରେ ଶ୍ରୀମନ୍ଦିର ଦ୍ୱାରଫିଟା ଯାଇ ଭିତରଶୋଧ ୩ଟା ୨୫, ମଙ୍ଗଳଆଳତି–୩ଟା ୩୦, ମଇଲମ ୩ଟା ୩୫, ରୋଷ ହୋମ ୩ଟା ୪୫, ତଡ଼ପଲାଗି ୪ଟା ୧୦, ଅବକାଶ ପୂଜା ୪ଟା ୨୦ରୁ ୪ଟା ୩୫, ମଇଲମ ୪ଟା ୪୦, ରୋଷ ହୋମ ୩ଟା ୫୫, ତଡ଼ପଲାଗି ୪ଟା, ସୂର୍ଯ୍ୟପୂଜା ୬ଟା୨୦, ଅବକାଶ ପୂଜା ଶେଷ ୪ଟା ୪୫, ବେଶ ଶେଷ ୫ଟା ୫୫, ଦ୍ୱାରପାଳ ପୂଜା ୬ଟା ୨୫, ଗୋପାଳବଲ୍ଲଭ ଓ ପହିଲି ଭୋଗ ୬ଟା ୩୦, ପହିଲି ଭୋଗ ଛେକ ୬ଟା ୪୦, ପହିଲି ଭୋଗ ପୂଜା ୬ଟା ୫୦ ଏବଂ ପହିଲିଭୋଗ ପୂଜାଶେଷ ୭ଟାରେ ଶେଷ ହୋଇ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା। ପହିଲି ଭୋଗରେ ମହାପ୍ରଭୁଙ୍କ ପାଇଁ ବିଭିନ୍ନ ବ୍ୟଞ୍ଜନ ତଥା ବଡ଼ ଝିଲି, ସାନ ବଡ଼ା, ବଡ଼ ବଡ଼ା, କାକେରା, ଅମାଲୁ, ଏଣ୍ଡୁରି, ମୁଗେଇ, ଚଡ଼େଇ ନଦା, ଲଡ୍ଡୁ, ବଡ଼ି, ଗଇଁଠା, ମଣ୍ଡା ଓ ଖଇର ଚୂଳ ପରି ୨୩ରୁ ଊର୍ଦ୍ଧ୍ୱ ପ୍ରକାରର ଭୋଗ ଲାଗି ହୋଇଥାଏ।



ମହାପ୍ରଭୁଙ୍କଠାରେ ଲାଗି ହୋଇଥିବା ପହିଲି ଭୋଗକୁ ଦେଉଳକରଣ ଚନ୍ଦ୍ରଶେଖର ମଙ୍ଗରାଜ ଭକ୍ତଙ୍କ ଉଦ୍ଦେଶ୍ୟରେ ନେଇ ଯାଉଛନ୍ତି।

ଲୋକକଥା ଅନୁଯାୟୀ, ମା' ମହାଲକ୍ଷ୍ମୀ ଧନୁସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ତାଙ୍କ ବାପ ଘରକୁ ଯାଇଥାନ୍ତି। ତେଣୁ ମା' ଯଶୋଦା ନିଜ ହାତରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରି ଶ୍ରୀବିଗ୍ରହଙ୍କୁ ଖୁଆଇଥାନ୍ତି। ଏନେଇ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକଙ୍କ କହିବା ଅନୁଯାୟୀ ଧନୁ ସଂକ୍ରାନ୍ତିରେ ସୂର୍ଯ୍ୟଦେବ ବିଛା ରାଶିରୁ ଧନୁ ରାଶିକୁ ଗମନ କରିଥାନ୍ତି। ଏହି ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ୧ ମାସ ଧରି ମହାପ୍ରଭୁଙ୍କର ବିଶେଷ ନୀତି ଅନୁଷ୍ଠିତ ହୋଇଥାଏ।

# କୃଷି ସଚେତନତା ରଥର ଶୁଭାରମ୍ଭ



ସଚେତନତା ରଥକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କୃଷି ସଚେତନତା ରଥକୁ ଜିଲାପାଳ ସିଦ୍ଧାର୍ଥଶଙ୍କର ସ୍ୱାଇଁ ଶୁଭାରମ୍ଭ କରିଛନ୍ତି। ଚଳିତ ଖରିଫ୍ ଧାନ ସଂଗ୍ରହ କାର୍ଯ୍ୟକ୍ରମ ଜିଲାରେ ଜାନୁଆରୀ ୩ରୁ ଆରମ୍ଭ ହେବ। କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୩୦୦ ଟଙ୍କା ଅଛି। ଏହା ଉପରେ ରାଜ୍ୟ ସରକାରଙ୍କ ତରଫରୁ ଚାଷୀ ବିକ୍ରି କରିଥିବା ପ୍ରତି କୁଇଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ ସହାୟତା ରାଶି ଦିଆଯିବ। ଏହିପରି ଭାବେ ପ୍ରତ୍ୟେକ ବିକ୍ରି ହୋଇଥିବା ଧାନ ବାବଦରେ ଚାଷୀ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପାଇବେ। ଏହା ସାଧାରଣ କିସମ ଓ ଏଫଏକ୍ୟୁ ମାନର ଧାନ ନିମନ୍ତେ ପ୍ରଯୁଜ୍ୟ। ସମସ୍ତ ଚାଷୀ ଧାନକୁ ଭଲଭାବେ ଶୁଖାଇ ଓ ସଫା କରି ମଣ୍ଡିକୁ ଆଣିବା ପାଇଁ ଏହି ରଥ ପ୍ରତ୍ୟେକ ଗାଁ ବୁଲି ମାଇକ୍ ଓ ପ୍ରଚାର ପତ୍ର ମାଧ୍ୟମରେ ସଚେତନତା ସୃଷ୍ଟି କରିବ। ନିୟନ୍ତ୍ରିତ ବଜାର କମିଟି, ସାକ୍ଷୀଗୋପାଳ ଓ ନିମାପଡ଼ା ତରଫରୁ ୨ଟି ପ୍ରଚାର ରଥ ଏହି ସଚେତନତା କାର୍ଯ୍ୟକ୍ରମ ପାଇଁ ନିୟୋଜିତ ହୋଇଛି।

ଜିଲାରେ ଜାନୁୟାରୀ ୩ରୁ ପିପିଲି, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ମଣ୍ଡି ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ୬ରୁ ପୁରୀ ସଦର ଓ ସତ୍ୟବାଦୀ ବ୍ଲକ ଏବଂ ୭ରୁ ଅନ୍ୟାନ୍ୟ ବ୍ଲକ୍ ଅଞ୍ଚଳରେ ମଣ୍ଡି ଆରମ୍ଭ ହେବ। ରଥ ଉଦ୍‌ଘାଟନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ଯୋଗାଣ ଅଧିକାରୀ ସୁବୋଧ ହୋତା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସମବାୟ ସମିତି ସମୂହର ଉପନିର୍ଦ୍ଦେଶକ ସୁନିତା ପତି, ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ, ବରିଷ୍ଠ ସହକାରୀ ନିବନ୍ଧକ ସ୍ୱରୂପ କୁମାର କର, ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଜିତେନ୍ଦୁ ଦାସ, ନିମାପଡ଼ା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୁଶାନ୍ତ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଧନୁମୁଆଁ ଧରି ବାପଘର ଗଲେ ମା'ଲକ୍ଷ୍ମୀ

କୋଣାର୍କ,୧୬।୧୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରୁ ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ମା' ଲକ୍ଷ୍ମୀ ଧନୁମୁଆଁ ଧରି ଚନ୍ଦ୍ରଭାଗା ଅଭିମୁଖେ ସାଗର ବିଜେ କରିଛନ୍ତି। ସୋମବାର ଅପରାହ୍ନରେ ଏକ ଶୋଭାଯାତ୍ରାରେ କୋଣାର୍କ ଶ୍ରୀଜଗନ୍ନାଥ ମନ୍ଦିରରୁ ଏକ ପାଲିଙ୍କି ଯୋଗେ ସାଥିରେ ଧନୁମୁଆଁ ଧରି ମା' ଲକ୍ଷ୍ମୀ ଚନ୍ଦ୍ରଭାଗା ବଜାରଠାରେ ପହଞ୍ଚିଥିଲେ। ମା' ସେଠାରେ ମାସେ ଧରି ଅବସ୍ଥାନ କରିବେ। ଧାର୍ମିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଚନ୍ଦ୍ରଭାଗା ବଜାର କମିଟି ପକ୍ଷରୁ ସମ୍ପାଦନ କରିବା ନେଇ ବ୍ୟବସ୍ଥା କରାଯାଇଛି। ପବିତ୍ର ମକର ସଂକ୍ରାନ୍ତି ଅବସରରେ ମା' ଲକ୍ଷ୍ମୀ ନିଜ ବାପଘରୁ ମକର ଚାଉଳକୁ ଧରି ଶୋଭାଯାତ୍ରାରେ କୋଣାର୍କ ଶ୍ରୀଜଗନ୍ନାଥ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି ସାଗର ବିଜେ ଶୋଭାଯାତ୍ରାରେ ଚନ୍ଦ୍ରଭାଗା ବଜାର କମିଟି ସଭାପତି ଅଜୟ କୁମାର ବେହେରା ଓ ସମ୍ପାଦକ ବାନାମ୍ବର ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

### ବୋହୂ ବାପଘର ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ଗୋପ,୧୬।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ବିବାହ ପରେ ବୋହୂ ବାପଘରକୁ ଆସି ବାରିପଛ ପୋଖରୀରେ ବୁଡ଼ି ସୋମବାର ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ଗ୍ରାମର ସୁଶିଳା ପଣ୍ଡା (୭୫)। ଏନେଇ ପୋଲିସ ଗୋପ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କିଛି ଦିନ ପୂର୍ବେ ଗୋପ ଥାନା ଅଧୀନ ଦିହୁଡ଼ା ଗ୍ରାମର ପଦଚରଣ ପଣ୍ଡାଙ୍କ ଝିଅ କୋଣାର୍କ ନିକଟସ୍ଥ କୁରୁଜଙ୍ଗ ଗ୍ରାମରେ ବିବାହ କରିଥିଲେ। ୩ ଦିନ ତଳେ ସୁଶିଳା ତାଙ୍କ ବୋହୂଙ୍କ ବାପଘର ବୁଲିବାକୁ ଦିହୁଡ଼ାରେ ପହଞ୍ଚିଥିଲେ। ବୋହୁ ବାପଘରେ ସମୁଦି ସମୁଦୁଣିଙ୍କ ସହ ହସଖୁସିରେ ସମୟ ଅତିବାହିତ ହେଉଥିଲା। ସୋମବାର ସକାଳେ ସୁଶିଳା ବାଡ଼ିପଟ ନିକଟସ୍ଥ ପୋଖରୀକୁ ଦାନ୍ତ ଘସିବାକୁ ଯାଇ ସେଠାରେ ବୁଡ଼ି ଯାଇଥିଲେ। କିଛି ଘଣ୍ଟା ଧରି ସୁଶିଳା ନ ଫେରିବାରୁ ଘରର ସଦସ୍ୟ ତାଙ୍କୁ ଖୋଜାଖୋଜି କରିବାବେଳେ ପୋଖରୀରେ ଭାସୁଥିବା ଦେଖିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଗୋପ ଡାକ୍ତରଖାନା ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନା ପଠାଇଥିବା ଜଣାପଡ଼ିଛି।

### ସାମାଜିକ କର୍ମୀ ମହିଳାଙ୍କ ମୃତ୍ୟୁ

ଗୋପ,୧୬।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଅଞ୍ଚଳର ସାମାଜିକ କର୍ମୀ ପୁଷ୍ପାମୟୀ ପୃଷ୍ଟି (୫୮)ଙ୍କ ସୋମବାର ସକାଳେ ମୃତ୍ୟୁ ଘଟିଛି। ପୁଷ୍ପାମୟୀ ଜଣେ ସାମାଜିକ କର୍ମୀ ଭାବେ ଗୋପ ବ୍ଲକ ଅଞ୍ଚଳରେ ବେଶ ଜଣାଶୁଣା। ସେ ସବୁ ସମୟରେ ଶ୍ରୀଜଗନ୍ନାଥଙ୍କ ସେବା କରିବା ସହିତ ବିଭିନ୍ନ ସମୟରେ ମଣିଷଙ୍କ ସୁଖଦୁଃଖରେ ସାମିଲ ହୋଇଥାନ୍ତି। ପୁଷ୍ପାମୟୀ ୪ ଦିନ ତଳେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଗୋପ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସୋମବାର ଭୋରରୁ ତାଙ୍କର ଦେହାନ୍ତ ହୋଇଥିଲା। ପୁଷ୍ପାମୟୀଙ୍କ ଦେହାନ୍ତ ପ୍ରଚାର ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ବଡ଼ ପୁଅ ଡାକ୍ତର ଶୈଳେନ୍ଦ୍ର କୁମାର ପୃଷ୍ଟି, ସାନପୁଅ ଶୁଭେନ୍ଦ୍ର ପୃଷ୍ଟି, ଦୁଇ ବୋହୂ ବର୍ଷା, ଆରତିଙ୍କ ସହିତ ପୁଷ୍ପାମୟୀଙ୍କ ସ୍ୱାମୀ କୃଷ୍ଣଚନ୍ଦ୍ର ପୃଷ୍ଟି ଉପସ୍ଥିତ ଥିଲେ। ତାଙ୍କ ମୃତଦେହକୁ ଗୋପ ଅଣାଯିବା ପରେ ଶତାଧିକ ଲୋକଙ୍କ ସହିତ ବିଭିନ୍ନ ସଙ୍ଗଠନ ସଦସ୍ୟା ସଦସ୍ୟ ଶେଷ ଦର୍ଶନ କରିବା ପରେ ପୁରୀ ନିଆଯାଇ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା।

# ଅଭିଯୋଗକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପ୍ରତିଶ୍ରୁତି

## ପୁରୀ ଜିଲାରେ ତିନି ଗୋଟି ନୂତନ ଥାନା ଗୃହ ଉଦ୍‌ଘାଟିତ

ପୁରୀ/ବଳଙ୍ଗା/ଅସ୍ତରଙ୍ଗ/ଡେଲାଙ୍ଗ, ୧୬।୧୨(ଅଜିତ୍ କୁମାର ମହାନ୍ତି/ କେଦାରେଶ୍ୱର ନନ୍ଦ/ପ୍ରଦୀପ୍ତ କୁମାର ଦିକ୍ଷୀତ/ମମତା ଜେନା/ରଶ୍ମିରଞ୍ଜନ ପ୍ରଧାନ)

ଜିଲାର ତିନୋଟି ନୂତନ ଥାନାଗୃହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ଯୋଗେ ସୋମବାର ଉଦ୍‌ଘାଟନ କରିଛନ୍ତି। ଜିଲାର ଡେଲାଙ୍ଗ, ବଳଙ୍ଗା ଓ ଅସ୍ତରଙ୍ଗଠାରେ ନୂତନ ଭାବେ ନିର୍ମିତ ହୋଇଥିବା ୩ଟି ଥାନାଗୃହର ଉଦ୍‌ଘାଟନ ହୋଇଯାଇଛି। ଏହି ସମାରୋହରେ ଡେଲାଙ୍ଗ ନୂତନ ଥାନାଗୃହ ପରିସରରେ ପିପିଲି–ଡେଲାଙ୍ଗ ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ଭିନୀତ ଅଗ୍ରୱାଲ, ଡେଲାଙ୍ଗ ବ୍ଲକ ଅଧକ୍ଷା, ଡେଲାଙ୍ଗ ତହସିଲଦାର, ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ, ସଦର ଏସ୍‌ଡିପିଓ, ଡେଲାଙ୍ଗ, ପିପିଲି ଏବଂ କଣାସ ଥାନାଧିକାରୀଙ୍କ ସହ ଡେଲାଙ୍ଗ ଅଞ୍ଚଳର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।





ସେହିପରି ବଳଙ୍ଗା ନୂତନ ଥାନାଗୃହ ପରିସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, କେନ୍ଦ୍ରାଞ୍ଚଳ ଆଇଜି ଚରଣ ସିଂହ ମୀନା, ପିପିଲି, ନିମାପଡ଼ା ଏବଂ ସତ୍ୟବାଦୀ ବିଡିଓ, ପିପିଲି ଏସ୍‌ଡିପିଓ, ପୁରୀ ଆର୍‌ଆଇ, ବଳଙ୍ଗା ଥାନାଧିକାରୀ ଉପସ୍ଥିତ ଥିଲେ।

ସେହିପରି ଅସ୍ତରଙ୍ଗ ନୂତନ ଥାନାଗୃହ ପରିସରରେ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, ବିଧାୟକ ତୁଷାରକାନ୍ତି ବେହେରା, ଅତିରିକ୍ତ ଏସ୍‌ପି ବିଷ୍ଣୁଚରଣ ପତି, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ, ଅସ୍ତରଙ୍ଗ ତହସିଲଦାର, ଅସ୍ତରଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ, ଏସ୍‌ଡିପିଓ ନିମାପଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ମଧ୍ୟାହ୍ନରେ ପୋଲିସ ହାଉସିଂ ବୋର୍ଡ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ପୁରୀ ଏସ୍‌ପି ଭିନୀତ ଅଗ୍ରୱାଲ ନୂତନ କୋଠା ପରିଦର୍ଶନ କରିଥିବା ବେଳେ ନିମାପଡ଼ା ଉପଖଣ୍ଡ ଅଧିକାରୀ ପ୍ରଭାତ ମଲ୍ଲିକ, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂ, କାକଟପୁର ଥାନାଧିକାରୀ ଉମେଶ କୁମାର ସାହୁ, ଚନ୍ଦ୍ରଭାଗା ଥାନା ଅଧିକାରିଣୀ ପ୍ରତିମା ସାହୁ, ରାମଚଣ୍ଡୀ ଥାନାଧିକାରୀ ସୁରେଶ ଚନ୍ଦ୍ର ପୃଷ୍ଟି, ଅତିରିକ୍ତ ଥାନାଧିକାରୀ ଦୀପକ ସାମନ୍ତସିଂହାରଙ୍କ ସହ ଥାନା କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସାକ୍ଷୀଗୋପାଳ ମନ୍ଦିରରେ ପହିଲି ଭୋଗ ଆରମ୍ଭ

ସାକ୍ଷୀଗୋପାଳ,୧୬।୧୨
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ପରମ୍ପରା କ୍ରମେ ସୋମବାର ଧନୁ ସଂକ୍ରାନ୍ତିଠାରୁ ମାସେ ବ୍ୟାପୀ ସାକ୍ଷୀଗୋପାଳ ଠାକୁରଙ୍କ ପହିଲି ଭୋଗ ନୀତି ଆରମ୍ଭ ହୋଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ନୀତିନିର୍ଘଣ୍ଟ କ୍ରମେ ଭୋର ୪ଟାରୁ ଦ୍ୱାରଫିଟା, ମଙ୍ଗଳଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ ଓ ଘୋଡ଼ଲାଗି ବେଶ ସକାଳ ୬ଟାରେ ଶେଷ ହୋଇଥିଲା। ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ପହିଲି ଭୋଗ ସହ ସକାଳଧୂପ, ମଦନମୋହନଙ୍କ ଭୋଗ ସମାପନ ହୋଇଥିଲା। ବୀରକେଶରୀ ବଲ୍ଲଭ, ଦ୍ୱିପ୍ରହର ଧୂପ ଶେଷ ହୋଇଥିଲା। ମାସେ ବ୍ୟାପୀ ପ୍ରତ୍ୟହ ଅପରାହ୍ନ ୧ଟା ସମୟରେ ଠାକୁରଙ୍କ ପହୁଡ଼ ଅନୁଷ୍ଠିତ ହେବ। ଅପରାହ୍ନ ୩ଟାରେ ଦ୍ୱାରଫିଟା ଯାଇ ସନ୍ଧ୍ୟା ଆଳତି ହେବ ବୋଲି ଜଣାପଡ଼ିଛି। ଗୋଧନ ବାହୁଡ଼ା ଭୋଗ, ସନ୍ଧ୍ୟାଧୂପ ଓ ବଡ଼ସିଂହାର ପରେ ରାତି ୧୦ଟା ସୁଦ୍ଧା ଠାକୁରଙ୍କ ରାତ୍ରପହୁଡ଼ କରାଯିବ ବୋଲି ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ତଥା ସତ୍ୟବାଦୀ ତହସିଲଦାର ସନ୍ତୋଷ ପାଣିଗ୍ରାହୀ କହିଛନ୍ତି। ଏହି ସମୟରେ ଠାକୁରଙ୍କ ଦୈନନ୍ଦିନ ଦେବନୀତି କରାଯିବା ସହ ପହିଲି ଭୋଗରେ ପୁରୀ, ପିଠା, କେଳୀ, ଖୁରୁମା, ଗଇଁଠା, ଖଇ, କୋରା, ମୁଆଁ ଓ ଚୁଡ଼ାଭଜା ସହ ଖୁରୁଡ଼ି ନଡିଆପାତି ଭୋଗ ସ୍ୱତନ୍ତ୍ର ଭାବେ ଲାଗି କରାଯାଇଛି। ଅନୁରୂପ ଭାବେ ବିଭିନ୍ନ ଗ୍ରାମର ଦେବଦେବୀ ମନ୍ଦିର ଓ ମଠାଡ଼ିରେ ପହିଲି ଭୋଗଲାଗି କରାଯାଇଛି। ଧନୁ ସଂକ୍ରାନ୍ତି ଉପଲକ୍ଷେ ଶ୍ରଦ୍ଧାଳୁ ବିଭିନ୍ନ ମନ୍ଦିରରେ ଠାକୁରଙ୍କୁ ଧନୁମୁଆଁ ଭୋଗଲାଗି କରିଥିଲେ।

# ଉପକନିଷ୍ଠ ବାଳକ ହ୍ୟାଣ୍ଡବଲ ଦଳର କେନ୍ଦୁଝର ଯାତ୍ରା





ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)

କେନ୍ଦୁଝରଠାରେ ୨୧ତମ ରାଜ୍ୟସ୍ତରୀୟ ଉପକନିଷ୍ଠ ବାଳକ ହ୍ୟାଣ୍ଡବଲ୍ ପ୍ରତିଯୋଗିତା ୧୭ରୁ ୨ଦିନ ଧରି ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ପୁରୀ ଜିଲାର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ତେବେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ସୋମବାର ୧୫ ଜଣିଆ ପୁରୀ ବାଳକ ଦଳ କେନ୍ଦୁଝର ଯାତ୍ରା କରିଛି। ଏହି ଦଳରେ ଅଧିନାୟକ ଆଦର୍ଶ ବେହେରା, ସଦସ୍ୟ ଅମିତ୍ କୁମାର, ଓମ୍ ପ୍ରକାଶ ପ୍ରଧାନ, କାହ୍ନା ପ୍ରସାଦ, ରୁଦ୍ର ନାରାୟଣ, ସୁନୀଲ ନାୟକ, ଦୀପକ ବାରିକ, ସୌମ୍ୟ ପ୍ରକାଶ ମଲ୍ଲିକ, ଚିତ୍ତରଞ୍ଜନ, ଅଂଶୁମାନ ଦାସ, ସୂର୍ଯ୍ୟନାରାୟଣ ବଡ଼ଜେନା, ସିଦ୍ଧାର୍ଥ ସାହୁ, ଆଦିତ୍ୟ ସାହୁ, ନୀଳାଚଳ ମହାରଣା, ମୃତ୍ୟୁଞ୍ଜୟ ମହାପାତ୍ର ଏବଂ କୋଚ୍ ରଶ୍ମିରଞ୍ଜନ ତ୍ରିପାଠୀ ପ୍ରମୁଖ ଯାତ୍ରା କରିଛନ୍ତି। ତେବେ ଦଳକୁ ପୁରୀ ହ୍ୟାଣ୍ଡବଲ୍ ସଂଘର ସମ୍ପାଦକ ସିତେନ୍ଦ୍ର ନାଥ ଦାସ ଦଳକୁ ଶୁଭକାମନା ଜଣାଇଛନ୍ତି।

# ପୁରୀବାସୀଙ୍କୁ ସେବା ଯୋଗାଇଦେବାକୁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଡ୍ରାଇଭର ମହାସଂଘ, ନନ୍ଦିଘୋଷ ଅଟୋ ବାହିନୀ ସେବା ଟ୍ରଷ୍ଟ ପକ୍ଷରୁ ପୁରୀ ପୌରାଞ୍ଚଳର ଅଧିବାସୀଙ୍କୁ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମହାସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ବର୍ଷକ ୧୨ମାସ ଯେଉଁଠାରେ ବି ଶାରୀରିକ ଅକ୍ଷମ ଅସହାୟ ବ୍ୟକ୍ତି ଓ ବୃଦ୍ଧ ରହିଛନ୍ତି, ସେମାନଙ୍କୁ ମହାସଂଘ ପକ୍ଷରୁ ବିନା ମୂଲ୍ୟରେ ସେବା କରାଯିବ। ଜିଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କୁ ଅନୁରୋଧ କରାଯାଉଛି, ଏହି ସେବା କରିବା ପାଇଁ ମହାସଂଘକୁ ଅନୁମତି ଦିଆଯାଉ। ଜିଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ସହଯୋଗ ରହିଲେ ବିଶେଷ ଚିରୋପକୃତ ହେବୁ ବୋଲି ଶ୍ରୀଜଗନ୍ନାଥ ଡ୍ରାଇଭର ମହାସଂଘ, ନନ୍ଦିଘୋଷ ଅଟୋ ବାହିନୀ ସେବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଭାପତି ଅମିତ ମିଶ୍ର, କୋଷାଧ୍ୟକ୍ଷ ସନ୍ତୋଷ ଆଚାର୍ଯ୍ୟ, ଉପସଭାପତି ରାଜେନ୍ଦ୍ର କୁମାର ସାହୁ, ଆଡମିନ୍ ପ୍ରମୋଦ କୁମାର ଦାସ, ସର୍ବେଶ୍ୱର ଆଚାର୍ଯ୍ୟ, ସୁଶାନ୍ତ ବେହେରାଙ୍କ ସମେତ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୧୯୭୮ ବ୍ୟାଚ୍ ମାଟ୍ରିକ୍ ବନ୍ଧୁମିଳନ

ପିପିଲି,୧୬।୧୨(ପ୍ରଭାତ ମହାପାତ୍ର)

ପୁରୀ ଜିଲା ପିପିଲି ବ୍ଲକ ଅଧୀନ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ୧୯୭୮ ବ୍ୟାଚ୍ ମାଟ୍ରିକ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଐତିହାସିକ ପର୍ଯ୍ୟଟନସ୍ଥଳ ଧଉଳି ପାଦଦେଶରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରଥମେ ୭ ଜଣ ଦିବଂଗତ ଛାତ୍ରୀଛାତ୍ରଙ୍କ ଆତ୍ମାର ସଦ୍‌ଗତି ନିମିତ୍ତ ୨ ମିନିଟ୍ ନୀରବ ପ୍ରାର୍ଥନା ସୁରେଶ ଦାଶ(ଆଇନଜୀବୀ)ଙ୍କ ଦ୍ୱାରା ଅନୁଷ୍ଠିତ ବୈଠକରେ କରାଯାଇଥିଲା। ତା'ପରେ ପରସ୍ପର ୪୮ ବର୍ଷ ତଳ ଛାତ୍ର ଜୀବନର ଅନୁଭୂତି ବର୍ଣ୍ଣନା କରି ବିମୋହିତ ହୋଇଥିଲେ। ଧଉଳି ଶାନ୍ତିସ୍ତୂପ ପରିଦର୍ଶନ ପରେ ଭୋଜିର ଆସର ଜମିଥିଲା। ଏଥିରେ ଖୁଲଣା, ପୁଷ୍ପ, ମାଧବୀ, ଆର୍ତ୍ତବନ୍ଧୁ, ତ୍ରିନାଥ, ସୋମନାଥ, ବେଣୁଧର, ସୁବାସ, ସୁରେଶ, ଲକ୍ଷ୍ମୀଧର, ବାଉରୀବନ୍ଧୁ ପ୍ରମୁଖ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ତ୍ରିଦିବସୀୟ ବର୍ଣ୍ଣାଳୀ ଶିବିର ଉଦ୍‌ଯାପିତ

କାକଟପୁର/ଅସ୍ତରଙ୍ଗ,୧୬।୧୨
(ଶୁଭଦର୍ଶନ ମିଶ୍ର/ମମତା ଜେନା)

କାକଟପୁର ବ୍ଲକ ଶିକ୍ଷା ବିଭାଗ ଦ୍ୱାରା ଓସେପା ଓ ସମଗ୍ର ଶିକ୍ଷା ଯୋଜନା ପ୍ରଯୋଜିତ ବାଙ୍ଗୁରିଗାଁ ବୀରଭଦ୍ର ବିଦ୍ୟାପୀଠରେ ତ୍ରିଦିବସୀୟ ବର୍ଣ୍ଣାଳୀ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ କାକଟପୁର ବ୍ଲକର ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୪୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଲିଙ୍ଗଗତ ସମ୍ବେଦନଶୀଳତାର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ନେଇଥିଲେ।

# ପ୍ରତି ପିଲାଙ୍କ ମଧ୍ୟରେ ପ୍ରତିଭା ଭରି ରହିଛି

ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)

ଜାତୀୟ ଯୁବ ଉତ୍ସବର ଜିଲାସ୍ତରୀୟ ବିବିଧ ପ୍ରତିଯୋଗିତା ସୋମବାର ଭୋଳାନାଥ ବିଦ୍ୟାପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରତିଟି ପିଲା ମଧ୍ୟରେ ପ୍ରତିଭା ଭରି ରହିଛି। ଏହାକୁ ଲୋକଲୋଚନକୁ ଆଣିବା ଏହି ଯୁବ ଉତ୍ସବ ପ୍ରତିଯୋଗିତାର ମୂଳ ଉଦ୍ଦେଶ୍ୟ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା ସହ ଜିଲାସ୍ତରରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା, ଶିକ୍ଷାବିତ ବିଶ୍ୱନାଥ ବେହେରା, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ, ଭୋଳାନାଥ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରବୀଣ କୁମାର ମହାନ୍ତି, ଜିଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ଚିତ୍ରାଙ୍କନ, ପଦ୍ୟ ରଚନା, ଗଳ୍ପ ଲିଖନ, ବକ୍ତୃତା, ଦଳଗତ ଲୋକ ନୃତ୍ୟ ଓ ଲୋକ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରକୁ ପ୍ରେରଣ କରାଯିବ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ପୂର୍ବତନ ନିର୍ଦ୍ଦେଶକ ସୂଚନା ଓ ଜନ ସମ୍ପର୍କ ଉତ୍ତର ପୂର୍ବାଞ୍ଚଳ ମାନସ ରଞ୍ଜନ ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ଅନ୍ୟାନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶେଷରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ରଥକାଠ ପାଇଁ ନୟାଗଡ଼ ଗଲା ୩ ଜଣିଆ କମିଟି

ପୁରୀ,୧୬।୧୨(ଅଜିତ୍ କୁମାର ମହାନ୍ତି)

୨୦୨୫ ଜୁନ୍ ୨୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଅନୁଷ୍ଠିତ ହେବ। ରଥ ସଂହିତା ଅନୁଯାୟୀ, ପବିତ୍ର ମାଘମାସ ବସନ୍ତ ପଞ୍ଚମୀରେ ରଥଯାତ୍ରାର ଆଦ୍ୟପର୍ବ ରଥକାଠ ପୂଜା ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥାଏ। ଏହି ପରିପ୍ରେକ୍ଷୀରେ ସୋମବାର ଶ୍ରୀମନ୍ଦିର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ଏକ ୩ଜଣିଆ ଦଳ ରଥକାଠ ନିମନ୍ତେ ନୟାଗଡ଼ ବଡ଼ମୂଳସ୍ଥିତ ମା' ବଡ଼ରାଉଳ ଠାକୁରାଣୀଙ୍କ ଅଭିମୁଖେ ଯାତ୍ରା କରିଛି।

ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା କାଠଗୁଡ଼ିକୁ କଟାହେବା ପୂର୍ବରୁ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥାଏ। ଏଥିନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାଳ, ମହାପ୍ରସାଦ, ଧୂପଦୀପ, ନଡ଼ିଆ, ଲାଗି ଖଣ୍ଡୁଆ, ପଠନୀ ଆଦି ଜିନିଷମାନ ମା'ଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ମେକାପଙ୍କ ନେତୃତ୍ୱରେ ଏକ ୩ଜଣିଆ ଦଳ ସୋମବାର ନୟାଗଡ଼ ଅଭିମୁଖେ ଯାତ୍ରା କରିଥିବାବେଳେ ମଙ୍ଗଳବାର ମା'ଙ୍କ ପୂଜାକାର୍ଯ୍ୟ ସମ୍ପନ୍ନ ହେବ।



ରଥ ନିର୍ମାଣ ପାଇଁ କାଠ ବାଛିବାକୁ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ମାଳ, ମାହାର୍ଦ୍ଦ ନେଇ ଏକ ଟିମ୍ ନୟାଗଡ଼ ବଡରାଉଳ ମନ୍ଦିରକୁ ପୂଜା ପାଇଁ ଯାଉଛନ୍ତି।

ବରିଷ୍ଠ ତତ୍ତ୍ୱାବଧାରକ ମେକାପ କହିଛନ୍ତି, ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପ୍ରତ୍ୟେକ ବର୍ଷ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷର ୫୧ଖଣ୍ଡ କାଠ ବଳକା ରହିଛି। ଚଳିତ ବର୍ଷ ୮୧୪ ଖଣ୍ଡ କାଠର ଆବଶ୍ୟକତା ରହିଛି। ରଥ ନିର୍ମାଣରେ ଅସନ, ଧଉରା, ଶିମିଳି ଭଳି ଅନ୍ୟାନ୍ୟ କାଠ ଦରକାର ପଡ଼ିଥାଏ। ତେଣୁ ଏକ ୩ଜଣିଆ ଦଳ ରଥ କାଠ ପାଇଁ ନୟାଗଡ଼ ଯାତ୍ରା କରୁଛୁ। ସାଥିରେ ମହାପ୍ରଭୁଙ୍କ ମାଳ, ମହାପ୍ରସାଦ, ପଠନୀ ଆଦି ନିଆଯାଇଛି। ମଙ୍ଗଳବାର ମା'ଙ୍କ ନିକଟରେ ପୂଜାର୍ଚ୍ଚନା ହେବା ସହ ହୋମଯଜ୍ଞ କରାଯିବ। ପୂଜା ସରିବା ପରେ କାଠ ଚିହ୍ନଟ କରାଯିବ ଓ ପରେ କଟାଯିବ। ପର୍ଯ୍ୟାୟକ୍ରମେ ରଥକାଠ ଖଳାକୁ ଆସିବ। ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ ହେବ। ରାମ ନବମୀରେ କଟକସ୍ଥିତ କରତ କଳରେ କାଠ ଚିରଟ ଅନୁକୂଳ ହେବ। ପବିତ୍ର ଅକ୍ଷୟ ତୃତୀୟାରେ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଯାତ୍ରା ଦଳରେ ସୁଦର୍ଶନ ମେକାପଙ୍କ ସହ ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଭୋଇ ସର୍ଦ୍ଦାର ରବି ଭୋଇ ପ୍ରମୁଖ ଯାତ୍ରା କରିଛନ୍ତି।

